ଧରିତ୍ରୀ
DHARITRI
April 14-20, 2019 ₹ 2/-

# ଛୁଟିଦିନ

# ସୀମା ସେପାରିର ଓଡ଼ିଆ




୮/୯ ସିନେମା

୩ ପ୍ରଚ୍ଛଦ ପ୍ରସଙ୍ଗ

ଓଡ଼ିଶାର ସୀମା ଆରପଟେ ତାଙ୍କ ଘର। ହେଲେ ମନ କିନ୍ତୁ ଓଡ଼ିଶାରେ। କଥାବାର୍ତ୍ତା, ଚାଲିଚଳଣ, ପାଠପଢା, ପର୍ବପର୍ବାଣି ସବୁଥିରେ ସେମାନେ ଓଡ଼ିଆ। ଓଡ଼ିଆ ଭାଷାର ଉନ୍ନତି ପାଇଁ ବି ଅନ୍ୟରାଜ୍ୟରେ ବେଶ୍ କାମ କରନ୍ତି। ହେଲେ ଭାଇଚାରା ନେଇ ରୁହନ୍ତି ଅନ୍ୟ ରାଜ୍ୟରେ। ଏମିତି ଓଡ଼ିଆ ମନ ନେଇ ସୀମା ଆରପଟେ ରହୁଥିବା କେତେକ ଓଡ଼ିଆଙ୍କ କଥା...





୧୩ ସହରଠୁ ଦୂର

# ସର୍ବବୃହତ୍ ଲୁଣ ଗୁମ୍ଫା



ପ୍ରକୃତି କୋଳରେ ଲୁଚି ରହିଛି ଏଭଳି ଅନେକ ସ୍ଥାନ, ଯାହା ଆଜି ବି ରହିଛି ରହସ୍ୟ ଘେରରେ। ମଣିଷର ସନ୍ଧାନୀ ଆଖି ଆଜି ବି ସେହି ସ୍ଥାନର ଟେର ପାଇପାରି ନାହିଁ। ତେବେ ନିକଟରେ ଇସ୍ରାଏଲ୍‌ର ଅନୁସନ୍ଧାନକାରୀମାନେ ଏକ ଏଭଳି ଗୁମ୍ଫାର ଆବିଷ୍କାର କରିଛନ୍ତି ଯେଉଁଟି ହେଉଛି ଏକ ଲୁଣର ଗୁମ୍ଫା। କେବଳ ସେତିକି ନୁହେଁ ଏହି ଗୁମ୍ଫାଟି ପୃଥିବୀର ସବୁଠାରୁ ବୃହତ୍ତମ ଲୁଣ ଗୁମ୍ଫାର ମାନ୍ୟତା ମଧ୍ୟ ଲାଭ କରିଛି। 'ମଲହାମ୍' ନାମକ ଏହି ଗୁମ୍ଫାଟି ପ୍ରାୟ ୧୦ କିଲୋମିଟର ଯାଏଁ ପରିବ୍ୟାପ୍ତ, ଯାହାକି ଇସ୍ରାଏଲ୍‌ର ସବୁଠାରୁ ବଡ ପର୍ବତ ମାଉଣ୍ଟ ସୋଦୋମଠାରୁ ନେଇ ଦକ୍ଷିଣ ପଶ୍ଚିମରେ ଥିବା ଡେଡ୍ ସି ଯାଏଁ ଲମ୍ବିଛି। ଏହି ଗୁମ୍ଫାର ଛାତ ଏବଂ କାନ୍ଥ ଲୁଣର କ୍ରିଷ୍ଟାଲ ଖଣ୍ଡରେ ଝଲସୁଥିବାର ଦେଖାଯାଏ। ଏହି କ୍ରିଷ୍ଟାଲ ଖଣ୍ଡର ଅଗରେ ଲାଗିଥିବା ପାଣି ବୁନ୍ଦା ମଧ୍ୟ ଏକ ମନୋମୁଗ୍ଧକର ପରିବେଶ ସୃଷ୍ଟି କରିଥାଏ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଏପ୍ରିଲ ୧୪-୨୦

**ମେଷ**
କର୍ମକ୍ଷେତ୍ରରେ ପ୍ରତିବନ୍ଧକ, ଅର୍ଥ ସାହାଯ୍ୟ ପାଇବେ। ଶୁଣାକଥାରୁ ଦ୍ୱନ୍ଦ୍ୱ, ବନ୍ଧୁଙ୍କ ସହ ମତାନ୍ତର, ଯାତ୍ରା ସଫଳ ହେବ,ପରୋକ୍ଷ ଶତ୍ରୁତା, ଆକସ୍ମିକ ସ୍ୱାସ୍ଥ୍ୟ ସମସ୍ୟା, ଧର୍ମକାର୍ଯ୍ୟ କରିବେ, ସନ୍ତାନ ହେତୁକ ଗୌରବ ବୃଦ୍ଧି।

**ବୃଷ**
ମିତ୍ର ସହଯୋଗ କରିବେ, ନୀଚ ସଂସର୍ଗରୁ ସମାଲୋଚନା, ଧର୍ମକାର୍ଯ୍ୟରେ ବ୍ୟୟ। ସହକର୍ମୀଙ୍କ ଆନୁଗତ୍ୟ, ଆନୁଷ୍ଠାନିକ କାମରେ କଳହ, ରାଜନୈତିକ ଆକ୍ରୋଶ, ବିଶିଷ୍ଟବ୍ୟକ୍ତିଙ୍କ ସହାୟତା।

**ମିଥୁନ**
ସମ୍ପର୍କ ମଧୁର ରହିବ, ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି। ପାରିବାରିକ ଜଞ୍ଜାଳ ବୃଦ୍ଧି, ପଡୋଶୀଙ୍କ ପ୍ରଶଂସା, ବ୍ୟବସାୟିକ ଉନ୍ନତି, ଯୋଗାଯୋଗରେ ବାଧା, ସମସ୍ୟା ସମାଧାନ, ବିଦେଶଯାତ୍ରାର ସୁଯୋଗ।

**କର୍କଟ**
ମାନସିକ ଦ୍ୱନ୍ଦ୍ୱ, ଆତ୍ମୀୟଙ୍କ ସାହାଯ୍ୟ, ଅବସାଦ ଦୂର ହେବ। ମନୋରଞ୍ଜନ ପ୍ରୀତିପ୍ରଦ ହେବ। କର୍ମକ୍ଷେତ୍ରରେ ସମ୍ମାନିତ ହେବେ, ପରୋକ୍ଷ ଶତ୍ରୁତାରୁ ଦୁଶ୍ଚିନ୍ତା, ଯାତ୍ରାରେ ସଫଳତା, ମାଙ୍ଗଳିକ କାର୍ଯ୍ୟ କରିବେ।

**ସିଂହ**
କାର୍ଯ୍ୟହାନିରୁ ଦୁଃଖ, ବନ୍ଧୁଙ୍କ ବିରୋଧ, ପରିସ୍ଥିତି ଭଲ ରହିବ। ଯୋଜନାରେ ସମସ୍ୟା, ସଦ୍ଭାବ ଅକ୍ଷୁଣ୍ଣ ରହିବ। ଅର୍ଥସମ୍ପଦ ଲାଭ। ମନୋରଞ୍ଜନରୁ ଦୂରେଇଯିବେ, ବିଶିଷ୍ଟବ୍ୟକ୍ତିଙ୍କ ଅନୁଗ୍ରହ, ଯାତ୍ରା ସ୍ଥଗିତ ରହିପାରେ।

**କନ୍ୟା**
ଉଚ୍ଚ ଚିନ୍ତା କରିବେ, ଶୁଭଖବର ପାଇବେ, ବିଳମ୍ବରେ ସଫଳତା। ବନ୍ଧୁଙ୍କ ସହ ମତାନ୍ତର, ତୀର୍ଥାଟନ ଚିନ୍ତା କରିପାରନ୍ତି, ଦୂରଯାତ୍ରାର ସୁଯୋଗ, କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ, ପ୍ରଶାସନିକ ତତ୍ପରତା।

**ତୁଳା**
ସମ୍ପର୍କ ବ୍ୟାହତ ହେବ, ବ୍ୟବସାୟ ସଙ୍କୁଚିତ ହୋଇପାରେ, ମନୋବଳ ହ୍ରାସ ପାଇବ। ପ୍ରତିବାଦର ସ୍ୱର ଉଠିପାରେ, ଘର ସାଜସଜ୍ଜା କରିପାରନ୍ତି, ସାମ୍ବାଦିକତାରୁ ପ୍ରଶଂସା, ବ୍ୟବସାୟିକ ସଫଳତା।

**ବିଛା**
ବିଶ୍ୱାସରୁ ହଇରାଣ, ପରୋକ୍ଷ ସମାଲୋଚନା, ଅପବ୍ୟୟରୁ କ୍ଷୋଭ, ଆଇନ ସହାୟତା ମିଳିବ, ସଭାସମିତିରେ କଳହ, ଯାତ୍ରାରେ ବିଘ୍ନ, ଫଳପ୍ରଦ ଆଲୋଚନା, ନିଷ୍ପତ୍ତି ନେବାରେ ଦ୍ୱନ୍ଦ୍ୱ, ସହକର୍ମୀଙ୍କ ଉଦାରତା, ସମସ୍ୟାର ସରଳ ସମାଧାନ ହେବ।

**ଧନୁ**
ପରିସ୍ଥିତି ଜଟିଳ ହୋଇପାରେ, ଉଚ୍ଚବର୍ଗଙ୍କ ସହାୟତା ପାଇବେ। ସ୍ତ୍ରୀଙ୍କ ପ୍ରେରଣାରୁ ଲାଭ, ସମସ୍ୟାକୁ ସୁଧାରି ନେବେ, ଦ୍ୱନ୍ଦ୍ୱର ଅବସାନ ଘଟିବ, ଧର୍ମକାର୍ଯ୍ୟରେ ବିବାଦ, କ୍ରନିକ୍ ରୋଗରେ ପୀଡାବୃଦ୍ଧି।

**ମକର**
ଆଶା ପୂରଣ ହେବନି, ବନ୍ଧୁ ବିରୋଧ କରିବେ, ପରିବାରରେ ଭୁଲ୍ ବୁଝାମଣା, ମନୋରଞ୍ଜନ ଜିନିଷ କ୍ରୟ କରିବେ, ନୂତନ ଦାୟିତ୍ୱ ହାତକୁ ନେବେ, ନିଜ ପରିସରରେ ପ୍ରତିଷ୍ଠିତ ହେବେ। ବସ୍ତ୍ରଭୂଷଣ ପ୍ରାପ୍ତି ଯୋଗ ରହିଛି।

**କୁମ୍ଭ**
ଲକ୍ଷ୍ୟହୀନ ଯାତ୍ରା, ହିତୈଷୀଙ୍କ ପରାମର୍ଶ, ସହକର୍ମୀଙ୍କ ସହ ମନୋମାଳିନ୍ୟ, ସୌଖୀନ ଦ୍ରବ୍ୟ କ୍ରୟ, ସନ୍ଦେହରୁ ପାରିବାରିକ ଅଶାନ୍ତି, ଭ୍ରାତୃ ସମ୍ପର୍କରେ ଉନ୍ନତି, ସହମତିରେ କାର୍ଯ୍ୟସିଦ୍ଧି, ରଚନାତ୍ମକ କାର୍ଯ୍ୟରୁ ପ୍ରଶଂସା, ଶତ୍ରୁତାର ସମାଧାନ, ଯାତ୍ରା ଯୋଗ ରହିଛି।

**ମୀନ**
ଯୋଜନା କାର୍ଯ୍ୟକାରୀ କରିବେ, ଆର୍ଥିକ ଅନଟନ, ଦୁଶ୍ଚିନ୍ତାର ମାତ୍ରା କମିବ, ଦ୍ରବ୍ୟପ୍ରାପ୍ତିରୁ ଆନନ୍ଦ, ଶାରୀରିକ ଯନ୍ତ୍ରଣା, ଆଶା ପୂରଣ ହେବ। ନିର୍ମାଣାଧୀନ କାର୍ଯ୍ୟରେ ବିବାଦ, ନୀଚାଶ୍ରୟ କରି ସମାଲୋଚିତ ହେବେ, କାର୍ଯ୍ୟକୁଶଳତା ବୃଦ୍ଧି ପାଇବ।

# ନୂଆ କରି ଅଫିସ୍ ଜଏନ୍ କରୁଥିଲେ

**କୌଣସି ନୂଆ ଅଫିସ୍‌ରେ ଜଏନ୍ କରୁଥିଲେ କିଛିଟା ନିୟମ ପାଳନ କରିବା ଦ୍ୱାରା ଆପଣ ସମସ୍ତଙ୍କର ପ୍ରିୟଭାଜନ ହୋଇପାରିବା ସହ ଅଫିସ ପରିବେଶ ସହ ନିଜକୁ ଖାପ ଖୁଆଇ ପାରିବେ...**



* ନୂଆ ସହକର୍ମୀଙ୍କ ସହ ମିଶିବାକୁ ଚେଷ୍ଟା କରନ୍ତୁ ଏବଂ ସେମାନଙ୍କୁ ଉଚିତ୍ ସମ୍ମାନ ଦିଅନ୍ତୁ।
* ଅଫିସ୍ ନିୟମକୁ ପାଳନ କରିବା ପୂର୍ବକ ଅଫିସ୍ ଟାଇମିଙ୍ଗ ପ୍ରତି ଯତ୍ନବାନ ହୁଅନ୍ତୁ।
* ପୁରୁଣା ଅଫିସ୍‌ର ନୀତିନିୟମ ତଥା ସୁବିଧା ସୁଯୋଗ ସହ ନୂଆ ଅଫିସ୍‌କୁ ଆଦୌ ତୁଳନା କରନ୍ତୁ ନାହିଁ। କାରଣ ପ୍ରତ୍ୟେକ ଅଫିସ୍‌ର ନୀତିନିୟମ ଏବଂ ସୁବିଧା ସୁଯୋଗ ଭିନ୍ନ ଭିନ୍ନ ହୋଇଥାଏ।
* ଅଫିସ୍ ଭିତରେ ସର୍ବଦା ସକାରାତ୍ମକ ମନୋଭାବ ରଖି କାର୍ଯ୍ୟ କରନ୍ତୁ।
* ନିଜ କାମ ସମ୍ପୂର୍ଣ୍ଣ ସଚ୍ଚୋଟତାର ସହ କରନ୍ତୁ। ଠକିବା ମନୋଭାବ ରଖି କାର୍ଯ୍ୟ କରିବା ଅନୁଚିତ।
* ସହକର୍ମୀଙ୍କ ସହ ନିଜର ବ୍ୟକ୍ତିଗତ କଥା ଶେୟାର କରନ୍ତୁ ନାହିଁ କି ସେମାନଙ୍କ ବ୍ୟକ୍ତିଗତ କଥା ପଚାରନ୍ତୁ ନାହିଁ।
* ଅଧସ୍ତନ କର୍ମଚାରୀଙ୍କ ସହ ମଧ୍ୟ ଉଚିତ୍ ବ୍ୟବହାର କରନ୍ତୁ।

# ପାଠକୀୟ

❖ପ୍ରଥମେ ବୈଷ୍ଣବୀୟ ପଞ୍ଚସଖା ଓଡ଼ିଶାରେ ସତ୍ୟ, ଧର୍ମର ବୀଜ ବପନ କରିଥିଲେ। ସେହିପରି ଦ୍ୱିତୀୟରେ ଓଡ଼ିଶାରେ ଶିକ୍ଷା, ସମାଜସେବା ଜରିଆରେ ଲୋକମାନଙ୍କୁ ଆତ୍ମନିର୍ଭରଶୀଳ କରିବା ନିମନ୍ତେ ସତ୍ୟବାଦୀ ପଞ୍ଚସଖା ଦେବଦୂତ ସାଜିଥିଲେ। ତେଣୁ ଏହି ସତ୍ୟବାଦୀ ପଞ୍ଚସଖାଙ୍କ ଗାଁ ସମ୍ପର୍କରେ ଛୁଟିଦିନରେ ଉଲ୍ଲେଖ କରାଯାଇଥିବାରୁ ଧନ୍ୟବାଦ। ସେହିପରି 'ଗଛ ମୋ ଜୀବନ' ପାଠଟି ବି ଏକ ପ୍ରେରଣାଦାୟୀ ବିଷୟ ଥିଲା। ଅନ୍ୟପକ୍ଷେ ସୃଜନ ପୃଷ୍ଠାରେ ସ୍ଥାନିତ 'ଅଜବ ବିଚାର' ଗପଟି ମୋ ମନ କିଣିନେଲା।

***–ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗବକୁଣ୍ଡ, ପୁରୀ***

❖ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗରୁ 'ସତ୍ୟବାଦୀ ପଞ୍ଚସଖାଙ୍କ ଗାଁ' ସମ୍ପର୍କରେ ଅନେକ ଅଜଣା କଥା ଜାଣିବାକୁ ମିଳିଲା। 'ଦେଶ ବିଦେଶରେ ଏପ୍ରିଲ ଫୁଲ୍' ଏବଂ 'ଅଣ୍ଡରଗ୍ରାଉଣ୍ଡ ଗାର୍ଡେନ' ଆଦି ପାଠ ବେଶ୍ ଆଶ୍ଚର୍ଯ୍ୟକର ଥିଲା ପଢ଼ିବାକୁ। ଲାଇଫ୍ ଷ୍ଟାଇଲ୍ ପାଠରୁ ବିଭିନ୍ନ ସମର ହ୍ୟାଟ୍ସ ସମ୍ପର୍କରେ ଅବଗତ ହୋଇପାରିଲି। ଏହାଦ୍ୱାରା କେଉଁ ହ୍ୟାଟ୍ ପିନ୍ଧିଲେ ମୋ ଲୁକ୍ ଆକର୍ଷଣୀୟ ଲାଗିପାରିବ, ତାହା ଜାଣିପାରିଲି।

***–ବିଜୁ ସାହୁ, ନାଗବାଲି ବଜାର, କଟକ***

❖ସିନେମା ପୃଷ୍ଠାରେ ସ୍ଥାନିତ 'ତାମିଲ ଶିଖୁଛନ୍ତି କଙ୍ଗନା', 'ଦୀପିକାଙ୍କ ପ୍ରତିଜ୍ଞା', 'ସଲ୍ଲୁଙ୍କ ପ୍ରଶଂସାରେ ଜ୍ୟାକି' ଆଦି ପାଠ ମୋ ମନ କିଣିନେଲା। ସାଥୀର ରୋମାଣ୍ଟିକ୍ ଉତ୍ତର ବି ବେଶ୍ ମନଛୁଆଁ ହୋଇପାରୁଛି। ସେହିପରି ପ୍ରଥମ ରୋଜଗାର ସ୍ତମ୍ଭରୁ ବହୁ ବିଶିଷ୍ଟ ବ୍ୟକ୍ତିମାନଙ୍କର ପ୍ରଥମ ରୋଜଗାର ତଥା ତାଙ୍କ ଜୀବନ କାହାଣୀ ସମ୍ପର୍କରେ ଜାଣି ଖୁସି ଲାଗୁଛି। ବ୍ୟକ୍ତିତ୍ୱ ପୃଷ୍ଠାରୁ ସାହିତ୍ୟିକା 'ନମିତା ଗୋଖ୍‌ଲେ'ଙ୍କ ସଂଘର୍ଷପୂର୍ଣ୍ଣ କାହାଣୀ ମଧ୍ୟ ହୃଦୟସ୍ପର୍ଶୀ ଲାଗୁଥିଲା। ***–ତପସ୍ୱିନୀ ମିଶ୍ର, ଝାରସୁଗୁଡ଼ା***

❖ମଡେଲ ମିରର୍‌ରେ ଅଞ୍ଜଳି ବେଶ୍ ସୁନ୍ଦରୀ ଲାଗୁଥିଲେ। ସହର ପୃଷ୍ଠାରୁ ଐତିହାସିକ ସହର ସତ୍‌ନା ସମ୍ପର୍କରେ ଅନେକ ଅଜଣା କଥା ଜାଣିବାକୁ ମିଳିଲା। ବିବିଧା ପୃଷ୍ଠାରେ ସ୍ଥାନିତ 'ସବୁଠୁ ଜୋର୍‌ରେ ଭୁକୁଥିବା କୁକୁର' ପାଠଟି ସତରେ ବେଶ୍ ଆଶ୍ଚର୍ଯ୍ୟକର ଥିଲା। ସେହିପରି ବ୍ୟାକ୍‌ପେଜ୍‌ରେ ସ୍ଥାନିତ 'ଜଳପରୀ ହେଲେ ଦୁଇ ବାନ୍ଧବୀ' ଏବଂ '୬୦,୦୦୦ ପାହାଚ ଚଢ଼ି ପହଞ୍ଚିବେ ହୋଟେଲରେ' ଆଦି ପାଠି ବି ବେଶ୍ ରୋମାଞ୍ଚକର ଲାଗୁଥିଲା।

***–ରାକେଶ ମହାନ୍ତି, ବାଲିସାହି, ପୁରୀ***

❖ମଞ୍ଚମାୟା ପୃଷ୍ଠାରୁ 'ରଙ୍ଗ ଲଗେଇଲା ରଙ୍ଗମହଲ' ଏବଂ 'ବିଶ୍ୱ ଦରବାରରେ ବାପା ମା' ଆଦି ବିଷୟବସ୍ତୁ ବେଶ୍ ମନଛୁଆଁ ହୋଇଥିଲା। ଅନ୍ୟପକ୍ଷେ 'ହାଇବ୍ରିଡ୍ ଏଲିଅନ୍' ପାଠଟି ସତରେ ବେଶ୍ ଆଶ୍ଚର୍ଯ୍ୟକର ହୋଇଥିଲା। ସେହିପରି ପ୍ରତିଥରର ହାଃ ହାଃ ଓ କାର୍ଟୁନ୍ କର୍ନର ମୋତେ ହସର ଖୋରାକ ଯୋଗାଇଥାଏ।

***–ସୁକାନ୍ତି ବେହେରା, କଳାହାଣ୍ଡି***

## ବିଶେଷ ଚିଠି



ଛୁଇଁ ଯାଅ ତୁମେ ସଭିଙ୍କର ମନ
ପାଠକଙ୍କ ହୃଦେ ଫୁଟାଅ ପ୍ରସୂନ।
ପ୍ରଚ୍ଛଦ ପ୍ରସଙ୍ଗ ମଡେଲ ମିରର୍
ହାଃ ହାଃ ପୁଣି କାର୍ଟୁନ କର୍ନର।
ଟିକି ଫରଦରେ କେତେ ନୂଆ କଥା
ସୃଜନ ପୃଷ୍ଠାରେ ଗଳ୍ପ–କବିତା।
ବ୍ୟକ୍ତିତ୍ୱ–ବିବିଧା–ସହରଠୁ ଦୂର
ବ୍ୟାକ୍‌ପେଜ୍ ଆଉ ସିନେମା ଖବର।
ଦିନ ଗଣୁଥାଏ ତୁମ ବାଟ ଚାହିଁ
ସାଥୀର ଉତ୍ତର କାନେ ଦେବ କହି।
ଭିନ୍ନ ଭିନ୍ନ ପୁଣି ପାଠକୀୟ ମତ
ମଞ୍ଚମାୟା ସହ ସଭିଏଁ ଜଡ଼ିତ।
ଧରିତ୍ରୀ ଛୁଟିଦିନ ଯେବେ ଆସେ
ନୂତନ ବାରତା ସଭିଙ୍କୁ ପରଷେ।

***–ରୋହିତ ସେଠୀ, ଦୂତିମେଣ୍ଡି, ଖଜୁରିପଡ଼ା, କନ୍ଧମାଳ***

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ–ମେଲ୍ ଠିକଣା: chhutidinadharitri@gmail.com

# ସୀମା ସେପାରିର ଓଡ଼ିଆ








**ଓଡ଼ିଶାର ସୀମା ଆରପଟେ ତାଙ୍କ ଘର। ହେଲେ ମନ କିନ୍ତୁ ଓଡ଼ିଶାରେ। କଥାବାର୍ତ୍ତା, ଚାଲିଚଳଣ ସବୁଥିରେ ସେମାନେ ଓଡ଼ିଆ। ବନ୍ଧୁବାନ୍ଧବ ବି ଓଡ଼ିଶାରେ। ସାଙ୍ଗସାଥୀ, ଯିବାଆସିବା ସବୁବେଳେ ଲାଗିଥାଏ ଓଡ଼ିଶାକୁ। ଓଡ଼ିଆଙ୍କର ସବୁ ପର୍ବପର୍ବାଣିକୁ ବେଶ୍ ଧୁମ୍‌ଧାମ୍‌ରେ ସେ ପାଳନ କରନ୍ତି। ପିଲାଙ୍କ ପାଠପଢ଼ା ବି ପ୍ରାୟ ଓଡ଼ିଆରେ ହୁଏ। ଓଡ଼ିଆ ଭାଷାର ଉନ୍ନତି ପାଇଁ ବି ବେଶ୍ କାମ କରନ୍ତି। ହେଲେ ଭାଇଚାରା ନେଇ ରୁହନ୍ତି ଛତିଶଗଡ଼, ଆନ୍ଧ୍ର ଆଦି ରାଜ୍ୟରେ। ଏମିତି ଓଡ଼ିଆ ମନ ନେଇ ସୀମା ଆରପଟେ ରହୁଥିବା କେତେକ ଓଡ଼ିଆଙ୍କ କଥା...**

ଗାଁଟିର ନାଁ ବେଲଡିହି। ଓଡ଼ିଶା-ଛତିଶଗଡ଼ ସୀମାବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ ଏହି ଗାଁ। ଛତିଶଗଡ଼ ରାଜ୍ୟ ମହାସମୁଦ ଜିଲା ପିଥୋରା ବ୍ଲକ ଅଧୀନରେ ଏହି ଗାଁ ଅବସ୍ଥିତ। ହେଲେ ଏଠିକାର ଅଧିବାସୀଙ୍କ ଚାଲିଚଳଣି, ବେଶଭୂଷା, ଭାଷା, ପର୍ବପର୍ବାଣି ସବୁ ଓଡ଼ିଆଙ୍କ ଭଳି। ଓଡ଼ିଆ (ସମ୍ବଲପୁରୀ/କୋଶଲି) କହନ୍ତି । ସେହିପରି ସମ୍ବଲପୁରୀ ଶାଢ଼ି, ଧୋତି ଆଦି ପୋଷାକ ପରିଧାନ କରନ୍ତି । କେବଳ ସେତିକି ନୁହେଁ, ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ, ପୁଷ୍‌ପୁନି ସମେତ ଦଶହରା, ରାମନବମୀ, ଶିବରାତ୍ରି, ରଥଯାତ୍ରା ଆଦି ପୂଜା ପାଳନ ସହିତ ପ୍ରତିବର୍ଷ ନାମଯଜ୍ଞ ମଧ୍ୟ ଆୟୋଜନ କରନ୍ତି । ତେବେ ଏହି ଗାଁ ଲୋକେ ଓଡ଼ିଆ ନବବର୍ଷ ପାଳନ କରୁ ନ ଥିଲେ ହେଁ ଗାଁ ପାଖରେ ଛତିଶଗଡ଼ ଅଧୀନରେ ଛିନ୍ଦୋଲି, ବୁନ୍ଦେଲି ଭଳି କେତୋଟି ଗାଁରେ ପାଳନ କରାଯାଏ ବୋଲି ଗାଁ ଲୋକେ କହିଛନ୍ତି। ସେହିପରି ସେମାନଙ୍କ ଘର, ବାଡ଼ି ବଗିଚା ଏବଂ ଜୀବିକା ମଧ୍ୟ ପଶ୍ଚିମ ଓଡ଼ିଶାବାସୀଙ୍କ ଭଳି। ଖପର, ଆଜ୍‌ବେଷ୍ଟସ, ସିମେଣ୍ଟ ଛାତ ସହିତ ଚାଳଘର ମଧ୍ୟ ରହିଛି। ଏହା ସହିତ ଏହି ଗ୍ରାମର ଅଧିକାଂଶ ଲୋକଙ୍କର ସମ୍ପର୍କୀୟ ପଶ୍ଚିମ ଓଡ଼ିଶାରେ ଅଛନ୍ତି। ବିବାହ ଆଦିରେ ବେଲଡିହି ଗାଁ ଲୋକେ ଏଠାକାର ଲୋକଙ୍କ ସହିତ ବନ୍ଧୁତା ସ୍ଥାପନ କରିଛନ୍ତି ।

ବରଗଡ଼ ଜିଲା ସଦର ମହକୁମାରୁ ପଦ୍ମପୁର ଉପଖଣ୍ଡ ଝାରବନ୍ଧ ଦେଇ ୧୩୨ କି.ମି. ଯିବା ପରେ ପଡେ ବେଲଡିହି ଗ୍ରାମ। ଉଭୟ ରାଜ୍ୟର ସୀମାଠାରୁ ମାତ୍ର ୪ କି.ମି ଦୂରରେ ଗାଁ ଟି ରହିଛି । ଓଡ଼ିଶା ଓ ଛତିଶଗଡ଼ ମଝିରେ ବହି ଯାଇଥିବା ଜୋଙ୍କ୍ ନଦୀ ପାରି ହୋଇ ଏହି ଗ୍ରାମକୁ ଯିବାକୁ ପଡ଼େ । ଗ୍ରାମର ଲୋକସଂଖ୍ୟା ୨ ହଜାର ଟପିବ । ସେହିପରି ଏହି ଗାଁର ପ୍ରାୟ ୯୦ ପ୍ରତିଶତ ଲୋକେ ଓଡ଼ିଆରେ କଥାବାର୍ତ୍ତା ହୁଅନ୍ତି । ଓଡ଼ିଆ ପଢ଼ିବା ପାଇଁ ଆଗ୍ରହ ରହିଛି, କିନ୍ତୁ ସେଠାରେ ଓଡ଼ିଆ ସ୍କୁଲଟିଏ ନାହିଁ । ଅଙ୍ଗନୱାଡ଼ି କେନ୍ଦ୍ରଠାରୁ ଆରମ୍ଭ କରି ପ୍ରାଥମିକ, ମଧ୍ୟ ଇଂରାଜୀ ଏବଂ ହାଇସ୍କୁଲ ରହିଛି, ମାତ୍ର ସେଠାରେ ହିନ୍ଦୀ ଭାଷାରେ ପାଠପଢ଼ା ହୋଇଥାଏ ।

ଗ୍ରାମରେ ଏକ ଜଗନ୍ନାଥ ମନ୍ଦିର ନିର୍ମାଣାଧୀନ ଅବସ୍ଥାରେ ରହିଥିବାବେଳେ ଶିବ ମନ୍ଦିର, ହନୁମାନ ମନ୍ଦିର ରହିଛି। ତେବେ ଓଡ଼ିଶା ଭଳି ତାଙ୍କ ଗାଁ ପାଖରେ ପର୍ଯ୍ୟଟନସ୍ଥଳୀ ନାହିଁ। ଫଳରେ ସେମାନେ ନୃସିଂହନାଥ, ହରିଶଙ୍କର, ସମଲେଶ୍ୱରୀ ମନ୍ଦିର ଆଦି ସ୍ଥାନକୁ ଆସୁଥିବାବେଳେ ବରଗଡ଼ ଧନୁଯାତ୍ରା, ନୃସିଂହନାଥର ବୈଶାଖୀମେଳା ମଧ୍ୟ ଦେଖିବାକୁ ଆସିଥା'ନ୍ତି ବୋଲି ଗାଁ ଲୋକେ କହିଛନ୍ତି । ନୃସିଂହନାଥକୁ ସେମାନେ ଗଙ୍ଗା ବୋଲି ମଧ୍ୟ କହନ୍ତି। ଆହ୍ଲାବାଦକୁ ଯିବା ପାଇଁ ସକ୍ଷମ ନ ହେଲେ ସେମାନେ ନୃସିଂହନାଥରେ ଅସ୍ଥି ବିସର୍ଜନ କରନ୍ତି । ସେହିପରି ବଜାରହାଟ ପାଇଁ ମଧ୍ୟ ସେମାନେ ବରଗଡ଼ ଉପରେ ନିର୍ଭର କରିଥାନ୍ତି। ପଦ୍ମପୁର, ପାଇକମାଲ, ବରଗଡ଼କୁ ସମ୍ବଲପୁରୀ ପୋଷାକ ଆଦି କିଣିବାକୁ ଆସିଥାନ୍ତି ।

ଜୋଙ୍କ୍‌ନଦୀ ପାଣି ଉପରେ ନିର୍ଭର କରି ସେମାନେ ମୁଖ୍ୟତଃ ଚାଷବାସ କରନ୍ତି । ହେଲେ ଏବେ ଏହି ଗାଁରେ କାଞ୍ଜିଆହୁଦା ପରମ୍ପରା ରହିଛି। ଗ୍ରାମରେ ଅନେକ କାଞ୍ଜିଆହୁଦା (କାଞ୍ଜି ହାଉସ୍) ରହିଛି। ବୁଲା ଗାଈଗୋରୁମାନଙ୍କୁ ଗାଁ ଲୋକେ ସେଠାରେ ଆଣି ରଖନ୍ତି ଏବଂ ନିଲାମ ମଧ୍ୟ କରନ୍ତି। ଆଉ ସେହି ନିଲାମରୁ ଯାହା ମିଳେ, ତାକୁ ପଞ୍ଚାୟତ ପାଖରେ ଜମା ରଖି ଗ୍ରାମର ଉନ୍ନତିମୂଳକ କାମରେ ବିନିଯୋଗ କରନ୍ତି ବୋଲି ଗ୍ରାମବାସୀ କହିଛନ୍ତି । ଗ୍ରାମର ନାରାୟଣ ସାହୁ କୁହନ୍ତି, ଓଡ଼ିଶା ଏବଂ ଛତିଶଗଡ଼ ସ୍କୁଲ ମଧ୍ୟରେ ଅନେକ ଫରକ ରହିଛି। ଓଡ଼ିଶା ସ୍କୁଲଗୁଡ଼ିକର ପରିବେଶ ଠିକ୍ ଅଛି । ସେଠାରେ ସ୍କୁଲର ସୌନ୍ଦର୍ଯ୍ୟକରଣ ପାଇଁ ବଗିଚା ଏବଂ ଛାତ୍ରୀଛାତ୍ରଙ୍କ ଅବସର ବିନୋଦନ ପାଇଁ ଉତ୍କୃଷ୍ଟ ପଡ଼ିଆ ରହିଛି, ମାତ୍ର ଏଠାରେ ତାହା ନଥିବା ସେ କହିଥିଲେ। ସେହିପରି ଓଡ଼ିଆ ପଢ଼ିବାର ସୁଯୋଗ ମିଳୁ ନାହିଁ। ଏଠାରେ ତାହା ପଢ଼ାଗଲେ ତାଙ୍କ ଝିଅପୁଅ ଉପକୃତ ହୁଅନ୍ତେ ବୋଲି ନାରାୟଣ କହିଥିଲେ ।

ଆଉ ଜଣେ ଗ୍ରାମବାସୀ ତେଜରାମ ସାହୁ କହିଥିଲେ, ଗ୍ରାମର ୮୦/୯୦ ପ୍ରତିଶତ ଲୋକଙ୍କ ସମ୍ପର୍କୀୟ ପଶ୍ଚିମ ଓଡ଼ିଶାରେ ଅଛନ୍ତି। ବିବାହ, ବ୍ରତ, ପୂଜା, ପାର୍ବଣବେଳେ ମଧ୍ୟ ପଶ୍ଚିମ ଓଡ଼ିଶାର ପୂଜକ, ପଣ୍ଡିତଙ୍କୁ ଗାଁ ଲୋକେ ଡାକିଥାଆନ୍ତି ଏବଂ ସେମାନେ ଆସି ପୂଜାପାଠ କରନ୍ତି । ଗୋପିକା ସାହୁ ନାମ୍ନୀ ଗ୍ରାମର ଜଣେ ମହିଳା କହିଥିଲେ, ସେ ବରଗଡ଼ ଜିଲା ଝାରବନ୍ଧ ବ୍ଲକ କୋତନା ଗ୍ରାମର ଝିଅ। ବେଲଡିହି ଗ୍ରାମର ବୋହୂ ହୋଇଛନ୍ତି। ବିବାହ ପୂର୍ବରୁ କୋତନା ଓ ବେଲଡିହ →







ଗ୍ରାମର ଚାଲିଚଳଣି, ପରମ୍ପରା ମଧ୍ୟରେ ଅନେକ ପ୍ରଭେଦ ରହିଥିବ ବୋଲି ଭାବିଥିଲି । ମାତ୍ର ସେଭଳି କିଛି ଫରକ ନଥିବା ସେ କହିଥିଲେ । ସେହିପରି ଗ୍ରାମର ଅନ୍ୟ ୨ ଜଣ ଗ୍ରାମବାସୀ ମନୋରଞ୍ଜନ ପ୍ରଧାନ ଏବଂ ଉକେଶ ବଢ଼େଇ ଛତିଶଗଡ଼ ବାସିନ୍ଦା ହୋଇଥିଲେ ସୁଦ୍ଧା ଗ୍ରାମରେ ଓଡ଼ିଆ ଭାଷାଭାଷୀ, ବେଶଭୂଷା ପରମ୍ପରା ଉଭୟ ରାଜ୍ୟର ସମ୍ପର୍କକୁ ସୁନ୍ଦର ଭାବରେ ଉପସ୍ଥାପନ କରିପାରୁଛି ବୋଲି କହିଥିଲେ ।

## ଭାଇଚାରାରେ ବିଶ୍ୱାସୀ ନିବଗାଁ

ଗଜପତି ଜିଲା କାଶୀନଗର ସୀମାନ୍ତରେ ନିବଗାଁ ଗ୍ରାମ ଅବସ୍ଥିତ । ଉକ୍ତ ଗାଁରେ ୪ ହଜାରରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଥିବାବେଳେ ଏଠାରେ ଓଡ଼ିଆ ଭାଷାଭାଷୀ ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ଲୋକ ବସବାସ କରିଥାଆନ୍ତି । ତେବେ ଏଠାରେଥିବା ଓଡ଼ିଆ ଭାଷାଭାଷୀ ପିଲାମାନେ ସୀମାନ୍ତବର୍ତ୍ତୀ ହାଡୁଭାଙ୍ଗୀ, କେ.ସୀତାପୁର, ପାରଳାଖେମୁଣ୍ଡି ଇତ୍ୟାଦି ଅଞ୍ଚଳରେ ପାଠ ପଢିଥାନ୍ତି। ଏହି ଗ୍ରାମରେ ସମସ୍ତ ଓଡ଼ିଆ ଲୋକ ପାରମ୍ପରିକ ଢଙ୍ଗରେ ଓଡ଼ିଶାର ପର୍ବପର୍ବାଣିଗୁଡିକ ପାଳନ କରିଥା'ନ୍ତି । ସେହିଭଳି ତେଲୁଗୁ ପର୍ବପର୍ବାଣିରେ ମଧ୍ୟ ଭାଇଚାରା ହିସାବରେ ଏମାନେ ଭାଗ ନେଇଥାଆନ୍ତି । ଏହି ଅଞ୍ଚଳଗୁଡ଼ିକରେ ଓଡ଼ିଆ ନବବର୍ଷ ବିଷୁବ ସଂକ୍ରାନ୍ତି ଯେଉଁଭଳି ପାଳନ କରାଯାଏ, ତେଲୁଗୁ ନବବର୍ଷ ଉଗାଦି ସମାନ ଢଙ୍ଗରେ ଭାଇଚାରା ଦୃଷ୍ଟିରୁ ପାଳନ କରାଯାଇଥାଏ । ଏଠାରେ ଓଡ଼ିଆ ଓ ତେଲୁଗୁ ସମ୍ପ୍ରଦାୟର ଏକ ମିଶ୍ରଣ ସର୍ବଦା ଦେଖିବାକୁ ମିଳିଥାଏ । ଏ ସମ୍ପର୍କରେ ଓଡ଼ିଆ ସମ୍ପ୍ରଦାୟର ଶିବାଜୀ ପଟ୍ଟାୟକ, ଡି. ଗଣେଶ, କ୍ରିଷ୍ଣାବେଣୀ ପଟ୍ଟନାୟକ, ପୂର୍ଣ୍ଣବାସୀ ପଟ୍ଟନାୟକ, ଝାମୀ ଯାତ୍ରାର ପୂଜକ ନାଗାରାଜୁ, ସିହ୍ମାଞ୍ଚଳମ୍, ଜଗନ୍ନାଥ ଓ ରାଧାକୃଷ୍ଣ ମନ୍ଦିରର ଦାମୋଦର ମହାନ୍ତିଙ୍କୁ ପଚରାଯିବାରୁ ସେମାନେ କହିଛନ୍ତି ଏଠାରେ ସମସ୍ତ ପ୍ରକାର ଓଡ଼ିଆ ପର୍ବ ଯଥା ବଡ଼ ଏକାଦଶୀ, ଝାମୀଯାତ୍ରା, ଶ୍ରାବଣପୂର୍ଣ୍ଣମୀ, କୁମାରପୂର୍ଣ୍ଣମୀ, କାର୍ତ୍ତିକପୂର୍ଣ୍ଣମୀ, ଦୋଳୋତ୍ସବ ଇତ୍ୟାଦି ଯଥାରୀତି ପାଳନ କରାଯାଇଥାଏ । ଏତଦ୍‌ବ୍ୟତୀତ ସୀମାନ୍ତବର୍ତ୍ତୀ ଦ୍ୱିଭାଷୀ ଅଞ୍ଚଳ ହୋଇଥିବାରୁ ତେଲୁଗୁ ଭାଷାଭାଷୀଙ୍କ କିଛି ପର୍ବରେ ମଧ୍ୟ ଭାଇଚାରା ଦୃଷ୍ଟିରୁ ଓଡ଼ିଆ ସଂପ୍ରଦାୟର ଲୋକମାନେ ଭାଗ ନେଇଥା'ନ୍ତି । ମୁଖ୍ୟତଃ ମକର ସଂକ୍ରାନ୍ତି ସମୟରେ ତେଲୁଗୁ ଭାଷାଭାଷୀ ଲୋକମାନେ ୩ ଦିନ ଧରି ଏହାକୁ ପାଳନ କରୁଥିବାବେଳେ ଏଥିରେ ଓଡ଼ିଆ ଲୋକମାନେ ଭାଇଚାରା ଦୃଷ୍ଟିରୁ ସାମିଲ ହୋଇ ଉପଭୋଗ କରିଥା'ନ୍ତି ବୋଲି ଜଣାଇଛନ୍ତି । ତେବେ ଏହି ସମସ୍ତ ସୀମାନ୍ତବର୍ତ୍ତୀ ଅଞ୍ଚଳଗୁଡିକରେ ଓଡ଼ିଆ ଓ ତେଲୁଗୁ ସମ୍ପ୍ରଦାୟର ଲୋକମାନେ ନିଜର ଭାଷାକୁ ପଛରେ ପକାଇ ଭାଇଚାରା ଦୃଷ୍ଟିରୁ ଅତ୍ୟନ୍ତ ନିବିଡ଼ତାର ସହ ସମସ୍ତ ପର୍ବପର୍ବାଣି ପାଳନ କରିବା ସହ ଉଭୟ ସଂସ୍କୃତିକୁ ବଜାୟ ରଖିଥାଆନ୍ତି ।










## ସମ୍ପର୍କର ସେତୁ

ଗଜପତି ଜିଲା ସୀମାନ୍ତରେ ଥିବା ଆନ୍ଧ୍ରପ୍ରଦେଶକୁ ଯିବାକୁ ହେଲେ ବିଭିନ୍ନ ସେତୁ ରହିଛି । ପାରଳାଖେମୁଣ୍ଡି ସହର ଉପକଣ୍ଠରୁ ମାତ୍ର ୨ କିମି ରାସ୍ତା ଅତିକ୍ରମ କଲାପରେ ମହେନ୍ଦ୍ରତନୟା ସେତୁ ପଡୁଛି । ଏହି ସେତୁ ଦେଇ ଆନ୍ଧ୍ରର ଶ୍ରୀକାକୁଲମ୍, ବିଜୟନଗରମ୍, ବିଶାଖାପାଟଣା, ବିଜୟୱାଡା, କାକିନାଡା, ତେଲେଙ୍ଗାନା ରାଜ୍ୟର ରାଜଧାନୀ ହାଇଦ୍ରାବାଦ, ୱାରାଙ୍ଗଲ ଆଦି ସ୍ଥାନକୁ ଯାତାୟାତ କରାଯାଏ । ଏହି ସେତୁକୁ ସମ୍ପର୍କର ସେତୁ ବୋଲି କୁହାଯାଇଥାଏ । କାରଣ ଏଥିଯୋଗୁଁ ଗଜପତି ଜିଲାର ବିଭିନ୍ନ ଗ୍ରାମରୁ ଯିବାକୁ ହେଲେ ଏହାରି ଉପରେ ନିର୍ଭର କରିବାକୁ ପଡିଥାଏ । ସେହିପରି ମିଳିଆପୁଟି ସେତୁ ଦ୍ୱାରା ଓଡ଼ିଶାର ବ୍ରହ୍ମପୁର, ଭୁବନେଶ୍ୱର, କଟକ ଆଦି ସ୍ଥାନକୁ ଅତି କମ୍ ସମୟରେ ପହଞ୍ଚିହୁଏ । ସେହିପରି ଓଡ଼ିଶା ତଥା ଗଜପତି ଜିଲା ସୀମାନ୍ତବର୍ତ୍ତୀ ଇଲାକା କାଶୀନଗର ବ୍ଲକ ଅନ୍ତର୍ଗତ ହାଡୁଭାଙ୍ଗି ଗ୍ରାମରୁ ମାତ୍ର ୩ କିମି ରାସ୍ତା ଅତିକ୍ରମ କଲାପରେ ଆନ୍ଧ୍ରପ୍ରଦେଶର କତ୍ତୁରୁ ମଣ୍ଡଳ ଅନ୍ତର୍ଗତ ମାତଳାଠାରେ ଆନ୍ଧ୍ରପ୍ରଦେଶ ସରକାରଙ୍କ ତରଫରୁ ଏହି ଦୁଇଟି ରାଜ୍ୟର ବାସିନ୍ଦାଙ୍କ ଗମନାଗମନ ପାଇଁ ଏକ ବ୍ରିଜ ନିର୍ମାଣ କରିଥିଲେ । ଏହା ଦ୍ୱାରା ଆନ୍ଧ୍ରପ୍ରଦେଶର ବିଭିନ୍ନ ସହର ଯଥା କତ୍ତୁରୁ, ପାଲକୋଣ୍ଡା, ସୀଥମ୍‌ପେଟା, ରାଜମ, ସାଲୁରୁ, ଶୁଙ୍କି ଆଦି ଦେଇ ଓଡ଼ିଶାର ଶୁଙ୍କି, ପଟ୍ଟାଙ୍ଗୀ, ସିମିଳିଗୁଡା, ସୁନାବେଡା, କୋରାପୁଟ, ଜୟପୁର, ନବରଂଗପୁର, ମାଲକାନଗିରି ଆଦି ଅଞ୍ଚଳକୁ ସହଜରେ ଯାତାୟାତ କରିହେଉଛି । ଏପରି ବିଭିନ୍ନ ସ୍ଥାନରେ ସେତୁ ରହିଥିବାରୁ ଏହାକୁ ସମ୍ପର୍କର ସେତୁ ବୋଲି ମଧ୍ୟ କୁହାଯାଇଥାଏ ।

## ଭାଷା ସହ ଶିକ୍ଷାକୁ ଗୁରୁତ୍ୱ

ଗଜପତି ଜିଲାର ଆନ୍ଧ୍ର ସୀମାନ୍ତବର୍ତ୍ତୀ ଗାଁ ନାରସନ୍ଦ୍ରା, ମିଳିଆପୁଟି, ବସୁନ୍ଧରା, ରାଟିଣୀ ଓ ମାଡୁ ଇତ୍ୟାଦିରେ ତେଲୁଗୁ ଭାଷାଭାଷୀଙ୍କ ସହିତ ଓଡ଼ିଆମାନେ ରହିଥାଆନ୍ତି । ପ୍ରାୟ ପ୍ରତ୍ୟେକ ଗାଁରେ ୩୦୦୦ରୁ ଊର୍ଦ୍ଧ୍ୱ ଲୋକ ରହିଥିବାବେଳେ ସେମାନଙ୍କ ମଧ୍ୟରେ ହଜାରେରୁ ଊର୍ଦ୍ଧ୍ୱ ଓଡ଼ିଆ ଲୋକ ରହିଥାଆନ୍ତି । ମହେନ୍ଦ୍ରତନୟା ନଦୀକୂଳରେ ରହିଥିବା ଏହି ଗାଁଗୁଡିକର ଲୋକ ମୁଖ୍ୟତଃ ଚାଷବାସ ଉପରେ ନିର୍ଭର କରିଥାଆନ୍ତି । ଏଠାରେ ରହିଥିବା ସୀମାନ୍ତ ଅଞ୍ଚଳଗୁଡିକରେ ଓଡ଼ିଆ ଛାତ୍ରୀଛାତ୍ରମାନଙ୍କ ପାଇଁ ଉଭୟ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା କରାଯାଇଛି । ଏଠାରେ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶିବରାମ ପଣ୍ଡା କୁହନ୍ତି, ଏଠାରେ ଥିବା ଉଚ୍ଚ ବିଦ୍ୟାଳୟରେ ମୋଟ ୬ଷ୍ଠରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୭୮ଜଣ ଛାତ୍ରୀଛାତ୍ର ପାଠ ପଢନ୍ତି । ଏମାନଙ୍କ ପାଠ ପଢ଼ାପାଇଁ ସମସ୍ତ ବ୍ୟବସ୍ଥା ଏବଂ ବହି ଆନ୍ଧ୍ର ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଏ । ଗ୍ରାମର ଓଡ଼ିଆ ଭାଷାଭାଷୀ ଛାତ୍ରୀଛାତ୍ରମାନେ ଏହି ବିଦ୍ୟାଳୟରେ ପାଠ ପଢିଥାନ୍ତି । ସୀମାନ୍ତବର୍ତ୍ତୀ ଏହି ବିଦ୍ୟାଳୟଗୁଡିକରେ ଓଡିଆ ଭାଷାଭାଷୀ ପିଲାମାନଙ୍କ ଉନ୍ନତମାନର ପାଠ ପଢ଼ାଇବା ପାଇଁ ଓଡ଼ିଆ ଶିକ୍ଷକଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଇଛି । ନାରସାନ୍ଦ୍ରାସ୍ଥିତ ଏହି ଜିଲା ପରିଷଦ ଉଚ୍ଚ ବିଦ୍ୟାଳୟରେ ଜଣେ ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ସମେତ ଅନ୍ୟ ୬ ଜଣ ଶିକ୍ଷକ ମଧ୍ୟ ରହିଛନ୍ତି । ଏହି ବିଦ୍ୟାଳୟର ଠିକ୍ ପାର୍ଶ୍ୱରେ ଏକ ପ୍ରାଥମିକ ବିଦ୍ୟାଳୟ ମଧ୍ୟ ରହିଛି । ସେଠାରେ ୧ମରୁ ୫ମ ପର୍ଯ୍ୟନ୍ତ ମୋଟ ୨୬ଜଣ ଓଡ଼ିଆ ପିଲା ଅଧ୍ୟୟନ କରନ୍ତି ବୋଲି ପ୍ରାଥମିକ ସ୍କୁଲ ଶିକ୍ଷକ ନୀଳକଣ୍ଠ ପାତ୍ର କୁହନ୍ତି । ତେବେ ଏହିସବୁ ସୀମାନ୍ତବର୍ତ୍ତୀ ଅଞ୍ଚଳର ପିଲାମାନଙ୍କୁ ଆନ୍ଧ୍ର ସରକାରଙ୍କ ପକ୍ଷରୁ ବହି ଯୋଗାଇ ଦିଆଯାଏ । ତେବେ ଉକ୍ତ ଅଞ୍ଚଳରେ କିପରି ଓଡ଼ିଶା ସରକାରଙ୍କ ବହି ଯୋଗାଇ ଦିଆଯାଇପାରିବ ସେ ବିଷୟରେ ଆଲୋଚନା ଚାଲିଛି । ସେହିପରି ଏହି ସୀମାନ୍ତ ଅଞ୍ଚଳର ଓଡ଼ିଆ ଏବଂ ତେଲୁଗୁ ଉଭୟ ଭାଷାରେ ମଧ୍ୟ ପାଠ ପଢ଼ାଇବାକୁ କେତେକ ବିଦ୍ୟାଳୟରେ ବ୍ୟବସ୍ଥା ହୋଇଛି । ତେବେ ମିଳିଆପୁଟି ମଣ୍ଡଳରେ ମୋଟ ୧୩ ଗୋଟି ବିଦ୍ୟାଳୟରେ ଓଡ଼ିଆ ଭାଷାଭାଷୀ ପିଲା ପଢିବା ପାଇଁ ବ୍ୟବସ୍ଥା ହୋଇଛି । ଏଥିପାଇଁ ବିଭିନ୍ନ ବିଦ୍ୟାଳୟରେ ଓଡ଼ିଆ ଶିକ୍ଷକମାନଙ୍କୁ ନିଯୁକ୍ତି ଦିଆଯାଇଛି । ସୀମାନ୍ତବର୍ତ୍ତୀ ଆନ୍ଧ୍ରପ୍ରଦେଶ ରାଜ୍ୟର ଶ୍ରୀକାକୁଲମ ଜିଲାର ୮ଗୋଟି ମଣ୍ଡଳରେ ୧୨୦ ପ୍ରାଥମିକ ବିଦ୍ୟାଳୟ, ୩୭ ଉ.ପ୍ରା. ବିଦ୍ୟାଳୟରେ ଉଭୟ ଓଡ଼ିଆ ଓ ତେଲୁଗୁ ଭାଷାରେ ଶିକ୍ଷା ଦିଆଯାଉଛି । ସେହିପରି ୩୦ଟି ଜିଲା ପରିଷଦ ହାଇସ୍କୁଲରେ ମଧ୍ୟ ଓଡ଼ିଆ ଶିକ୍ଷା ପାଇଁ ବ୍ୟବସ୍ଥା ଥିବାବେଳେ ସେଥିରୁ ୮ ବିଦ୍ୟାଳୟରେ ସମ୍ପୂର୍ଣ୍ଣ ଓଡ଼ିଆ ଭାଷାରେ ଶିକ୍ଷା ଦିଆଯାଉଛି । ଏହି ୯ଟି ମଣ୍ଡଳରେ ମୋଟ ୪୪୭ ଜଣ ଶିକ୍ଷକ ରହିଥିବାବେଳେ ଏମାନଙ୍କୁ ନେଇ ଆନ୍ଧ୍ରପ୍ରଦେଶ ଓଡ଼ିଆ ଶିକ୍ଷକ ସଂଘ ନାମରେ ଏକ ଶିକ୍ଷକ ସଂଘ ଗଠନ କରାଯାଇଛି । ଏହି ସଂଘ ପକ୍ଷରୁ ପ୍ରତିବର୍ଷ ଛାତ୍ରୀଛାତ୍ରଙ୍କ ଭାଷାଭିତ୍ତିକ ଉନ୍ନତି ନିମନ୍ତେ ଏକ ମେଧା ସମ୍ମାନ ପରୀକ୍ଷା ଅନୁଷ୍ଠିତ ହେଉଛି । ଏହିସବୁ ସୀମାନ୍ତବର୍ତ୍ତୀ ବିଦ୍ୟାଳୟ ଗୁଡିକରେ ଓଡିଶା ପରି ଗଣେଶ ପୂଜା, ସରସ୍ୱତୀ ପୂଜା ଇତ୍ୟାଦି ପାଳନ କରାଯାଇଥାଏ । ସେହିପରି ଓଡ଼ିଆଙ୍କ ପାରମ୍ପରିକ ପର୍ବ ମାଣବସା ଗୁରୁବାର, କାର୍ତ୍ତିକପୂର୍ଣ୍ଣମୀ ଓ ରଥଯାତ୍ରା ଅବସରରେ ଓଡ଼ିଆ ଶିକ୍ଷକ ସଂଘ ପକ୍ଷରୁ ଅପ୍‌ସନାଲ ଛୁଟିକୁ ବ୍ୟବହାର କରାଯାଇ ସ୍କୁଲଗୁଡିକର ଛୁଟି ଘୋଷଣା ହୋଇଥାଏ । ମାତ୍ର ଓଡ଼ିଆ ପର୍ବ ନୂଆଖାଇ, ବୈଶାଖ ପୂର୍ଣ୍ଣମୀ ଇତ୍ୟାଦି ପର୍ବରେ କୌଣସି ଛୁଟି ନଥାଏ । ଏହିସବୁ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଲୋକମାନେ ଓଡ଼ିଶାର ସମସ୍ତ ପାରମ୍ପରିକ ପ୍ରଥା ପାଳନ କରିବା ସହ ଓଡ଼ିଆ ପର୍ବପର୍ବାଣି ମଧ୍ୟ ପାଳନ କରିଥା'ନ୍ତି । ଠିକ୍ ସେହିପରି ଏଠାକାର ଓଡ଼ିଆ ଭାଷାଭାଷୀ ଲୋକମାନେ ଦ୍ୱିଭାଷୀ ଅଞ୍ଚଳ ହୋଇଥିବା ଯୋଗୁଁ ତେଲୁଗୁ ସମ୍ପ୍ରଦାୟର ମକର ସଂକ୍ରାନ୍ତି, ତେଲୁଗୁ ନବବର୍ଷ ଉଗାଦି ଇତ୍ୟାଦିରେ ଯୋଗ ଦେଇଥା'ନ୍ତି । ତେଲୁଗୁ ସମ୍ପ୍ରଦାୟର ଲୋକେ ମଧ୍ୟ ଓଡିଆ ପର୍ବପର୍ବାଣିରେ ସାମିଲ ହୋଇଥା'ନ୍ତି । ଏହି ବିଚ୍ଛିନ୍ନାଞ୍ଚଳ ମଧ୍ୟରେ ଶ୍ରୀକାକୁଲମ ଜିଲାର ଲିହୁରୀ ଠାରେ ପ୍ରତିବର୍ଷ ଦୋଳପୂର୍ଣ୍ଣମୀରେ ୫ ଦିନ ଧରି ଦୋଳଯାତ୍ରା ମହାସମାହୋରରେ ଅନୁଷ୍ଠିତ ହୋଇଥାଏ । ଏହି ଯାତ୍ରା ସମୟରେ ଏଠାରେ ଅଧିକ ଓଡିଆ ଲୋକମାନଙ୍କର ସମାଗମ ହୋଇଥାଏ । ଏହି ଯାତ୍ରା ବହୁ ପୁରାତନ ଏବଂ ଏକ ପ୍ରସିଦ୍ଧ ଯାତ୍ରା ଭାବେ ଖ୍ୟାତିଲାଭ କରିଛି । ତେବେ ଏହି ବିଚ୍ଛିନ୍ନାଞ୍ଚଳଗୁଡିକରେ ଓଡିଆ ସମ୍ପ୍ରଦାୟ ଲୋକମାନଙ୍କର ସେପରି କୌଣସି ସମସ୍ୟା ନଥିବା ସ୍ଥାନୀୟ ବାସିନ୍ଦା କୁହନ୍ତି । ସେମାନଙ୍କୁ ଆନ୍ଧ୍ର ସରକାରଙ୍କ ପକ୍ଷରୁ ତେଲୁଗୁ ସମ୍ପ୍ରଦାୟ ଭଳି ସମସ୍ତ ସହଯୋଗ ମିଳିଥାଏ । ଜଣେ ପ୍ରାଥମିକ ବିଦ୍ୟାଳୟ ସହକାରୀ ଶିକ୍ଷକ ନୀଳକଣ୍ଠ ପାତ୍ର କୁହନ୍ତି, ଆନ୍ଧ୍ରପ୍ରଦେଶ ଓଡ଼ିଆ ଶିକ୍ଷକ ସଂଘ ପକ୍ଷରୁ ଭାଷାଭିତ୍ତିକ ଉନ୍ନତି ପାଇଁ ଅନେକ କାର୍ଯ୍ୟକ୍ରମ କରାଯିବା ସହ କିଭଳି ଆହୁରି ଉନ୍ନତି ଘଟିବ, ସେଥିପାଇଁ ଅବିରତ ଚେଷ୍ଟା ଚାଲିଛି । ସମସ୍ତଙ୍କ ସହଯୋଗ ମିଳିଲେ ଓଡ଼ିଆ ଭାଷା ଓ ସଂସ୍କୃତି ଆହୁରି ଶୀର୍ଷକୁ ଯାଇପାରନ୍ତା ।


**– ରୋଜାଲିନ ମହାନ୍ତି**


**ରିପୋର୍ଟ: ପ୍ରେମାନନ୍ଦ ଖମାରୀ, ଦେବେନ୍ଦ୍ର ସାହୁ, ରଶ୍ମି ରଞ୍ଜନ ମିଶ୍ର**

# ଚିଲିକା ପଣାଯାତ୍ରା

# ହାଜତରେ ରୁହନ୍ତି ଅପରାଧୀ ନୁହନ୍ତି





ନୀଳାମ୍ବୁ ଚିଲିକା କୂଳରେ ରହିଛି ଏକ ଶୈବପୀଠ। ପ୍ରତିବର୍ଷ ଚୈତ୍ରମାସରେ ଏଠାରେ ଆୟୋଜିତ ହୁଏ ସୁସଜ୍ଜିତ ମେଢ ଓ ଦୋଳବିମାନ ମେଳନପର୍ବ। ଏହାକୁ ସ୍ଥାନୀୟ ଗ୍ରାମବାସୀ ପଣାଯାତ୍ରା ବୋଲି କହିଥାନ୍ତି। ମାତ୍ର ସନ୍ଧ୍ୟାବେଳେ ଏଠାକୁ ବୁଲିଆସୁଥିବା ଦେଖଣାହାରିଙ୍କ ମନରେ ଚିଲିକାର ହାବୁକା ହାବୁକା ସୁଲୁସୁଲିଆ ଶିତୁଆ ପବନ ନିଆରା ଭାବ ସୃଷ୍ଟି କରେ। ପୁଣି ଯାତ୍ରା ପଡ଼ିଆରେ ନିର୍ମାଣ ହୋଇଥାଏ ଏକ ଅସ୍ଥାୟୀ ହାଜତ ଘର। କିନ୍ତୁ ଏହି ହାଜତରେ ଅଟକିଥିବା ବ୍ୟକ୍ତିଙ୍କୁ କୌଣସି ଅପରାଧୀ ବୋଲି ବିବେଚନା କରାଯାଏ ନାହିଁ ବରଂ ଏହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥାଏ।

**କିମ୍ବଦନ୍ତୀ ଓ ଜନଶ୍ରୁତି–** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ତିତିପ ଗ୍ରାମପଞ୍ଚାୟତର ଦେଉଳପଡ଼ା ଗାଁ। ଏଠାରେ ରହିଛି ଶ୍ରୀ ଶ୍ରୀ କମଳେଶ୍ୱର ଦେବଙ୍କ ପବିତ୍ରପୀଠ । ଏହି ପୀଠ ପ୍ରତିଷ୍ଠା ସମ୍ପର୍କରେ ଏକ ଜନଶ୍ରୁତି ରହିଛି, ଯାହାକି ଗ୍ରାମର ପୁରୁଖା ଲୋକଙ୍କଠାରୁ ଶୁଣିବାକୁ ମିଳେ। ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ବନବାସ ସମୟରେ ଏଠାରେ ବାଲି ଲିଙ୍ଗ ସ୍ଥାପନା କରି କମଳା ପୂଜା କରିଥିଲେ ବୋଲି ଏହି ଠାକୁରଙ୍କ ନାମ କମଳେଶ୍ୱର ରଖାଯାଇଛି। ସମୟକ୍ରମେ ପାରିକୁଦ ରାଜା ଭଗୀରଥି ମାନସିଂହଙ୍କୁ ସ୍ୱପ୍ନାଦେଶ ହେବାରୁ ସେ ଏକ ମନ୍ଦିର ନିର୍ମାଣ କଲେ। ପଣାଯାତ୍ରା ବେଳେ ଏହି ପବିତ୍ର ପୀଠକୁ ଆସୁଥିବା ବିଭିନ୍ନ ଗାଁର ଠାକୁରଙ୍କୁ ସୁସଜ୍ଜିତ ବିମାନରେ ସାହି ଭ୍ରମଣ କରାଯାଇଥାଏ। ବିଭିନ୍ନ ସାହିରେ ଗ୍ରାମବାସୀଙ୍କ ପକ୍ଷରୁ ପୂଜାର୍ଚ୍ଚନା କରାଯାଏ। ପ୍ରାୟ ୧୬ କୋଠି ଠାକୁରଙ୍କ ଦୋଳବିମାନର ମେଳଣପର୍ବ ହୋଇଥାଏ। ପୀଠାଧୀଶ ଭାବେ କମଳେଶ୍ୱର ଦେବ ବିଜେ କରିଥାନ୍ତି।

**୩୫ ମୌଜାବାସୀଙ୍କ ବୈଠକ–** ଚୈତ୍ରମାସର ପ୍ରାୟ ଏକମାସ ପୂର୍ବରୁ ଚିଲିକା କୃଷ୍ଣପ୍ରସାଦ ଅଞ୍ଚଳର ୩୫ ମୌଜାବାସୀଙ୍କ ଦ୍ୱାରା ପଣାଯାତ୍ରା ମହୋତ୍ସବ କମିଟି ଗଠନ କରାଯାଇଥାଏ। ଏହି କମିଟିର ସମ୍ପାଦକ କବିରାଜ ମାଝି କୁହନ୍ତି, ପ୍ରସ୍ତୁତି ବୈଠକ ପରେ ସଭ୍ୟମାନେ ଦାୟିତ୍ୱ ପରିଚାଳନା କରିଥାନ୍ତି। ବିଦ୍ୟୁତ୍, ସ୍ୱାସ୍ଥ୍ୟ, ସୂଚନାକେନ୍ଦ୍ର, ପରିଷ୍କାର ପରିଚ୍ଛନ୍ନତା, ଜଳଯୋଗାଣ, ପୋଲିସ ସୁରକ୍ଷା, ଅଗ୍ନିଶମ କେନ୍ଦ୍ରର ସୁବ୍ୟବସ୍ଥା ଆଦି କମିଟି ତରଫରୁ କରାଯାଇଥାଏ। ୩୫ ମୌଜାର ସଭାପତି ଗୋଲକ ପ୍ରଧାନ କୁହନ୍ତି, ବଡ଼ଝାଡ଼, ଜେନାପୁର, ଗୌରିସି, ଝାରକଟା, ପଥରକଟା, ଖିରିସାହି, କମଳାସିଂ, ହରିଚନ୍ଦନପୁର, ଦେଉଳପଡ଼ା, ବାଉରିପଲ୍ଲୀ, ବାଲି ଜଗନ୍ନାଥପୁର ଶାସନ, ନୂଆଗାଁ, ତିତିପ(କ), ଉଆସ ପଦର, ତିତିପ (ଖ), ଚଢ଼େୟା, ଫୁଲବାରି, ଟୁବୁକା, ଗୋମୁଣ୍ଡିଆ(କ), ଗୋମୁଣ୍ଡିଆ (ଖ), ସାମନ୍ତରାପୁର, ଗୋଲପୁର, ଗୋବର୍ଦ୍ଧନପୁର, ଜହ୍ନିକୁଦା, ଭଗବାନପୁର, ପରଳା, ସିପିଆ, ମର୍ଦ୍ଦରାଜପୁର, କୁରୁପାଳ, ଅଁଳାକୁଦ, ନୂଆପଡ଼ା, ଗୁରୁବାଇ, ଖଟିସାହି ଏବଂ ବାଲିଅଁଳା ଆଦି ଗାଁକୁ ନେଇ ୩୫ ମୌଜା ଗଠିତ। ଏହା ଆମ ଅଞ୍ଚଳର ଭାଇଚାରାକୁ ସୁଦୃଢ଼ କରିଥାଏ।

**ଯାତ୍ରା ପଡ଼ିଆରେ ହାଜତ–** ଏହି ଅଞ୍ଚଳର ଗାଁଗୁଡ଼ିକରେ ପରସ୍ପରଙ୍କ ମଧ୍ୟରେ ଶାନ୍ତିଶୃଙ୍ଖଳା, ଭାଇଚାରା ସୁଦୃଢ଼ ପାଇଁ ଗ୍ରାମକମିଟି ରହିଛି । ସମସ୍ତେ ଥାନା ଏବଂ କୋର୍ଟ କଚେରିକୁ ସମ୍ମାନ ଦିଅନ୍ତି । କମଳେଶ୍ୱର ଦେବଙ୍କ ପୀଠରେ ପ୍ରତିବର୍ଷ ୬/୭ ଦିନ ଧରି ପଣାଯାତ୍ରା ପାଳିତ ହୁଏ। ଯାତ୍ରାରେ ଶାନ୍ତିଶୃଙ୍ଖଳା ସୁରକ୍ଷା ନିମନ୍ତେ ଏକ କମିଟି ଗଠନ କରାଯାଇଥାଏ। ଶିକ୍ଷାବିତ୍ ଅଭିମନ୍ୟୁ ଜେନା କୁହନ୍ତି, କୃଷ୍ଣପ୍ରସାଦ ଅଞ୍ଚଳର ଗାଁଗୁଡ଼ିକରେ ଗ୍ରାମ୍ୟ କମିଟି ରହିଛି। ଗାଁ ଲୋକଙ୍କ ସହଯୋଗରେ ଭଲମନ୍ଦ ବିଚାର କରାଯାଇଥାଏ। ସମସ୍ତେ ପ୍ରାୟ ଶୃଙ୍ଖଳିତ। ମାତ୍ର ପଣାଯାତ୍ରା ପରିଚାଳନା କମିଟିର ନିଷ୍ପତ୍ତିକୁ ସମ୍ପୃକ୍ତ ଗ୍ରାମବାସୀ ମାନିଥାନ୍ତି। ଏହି ବ୍ଲକର ମାଲୁଦରେ ପଞ୍ଚୁଦୋଳ ଏବଂ ଦେଉଳପଡ଼ାରେ ପଣାଯାତ୍ରା ଅନୁଷ୍ଠିତ ହୋଇଥାଏ। ଏହାକୁ ସ୍ଥାନୀୟ ଲୋକେ ଶାନ୍ତିଶୃଙ୍ଖଳାର ସହ ପାଳନ କରିଥାନ୍ତି। ଯାତ୍ରା କମିଟି ତରଫରୁ ଏକ ଅସ୍ଥାୟୀ ହାଜତ ଘର କରାଯାଇଥାଏ। ଏଠାରେ ଯଦି କୌଣସି ବ୍ୟକ୍ତି କିଛି ବିଶୃଙ୍ଖଳା ସୃଷ୍ଟିକରେ ତେବେ ତାଙ୍କୁ ଏହି ଅସ୍ଥାୟୀ ହାଜତରେ ଅଟକ ରଖାଯାଇଥାଏ। ସ୍ଥାନୀୟ ବୁଦ୍ଧିଜୀବୀ ଓ ଯାତ୍ରା କମିଟି ସଦସ୍ୟଙ୍କ ଉପସ୍ଥିତିରେ ଆଲୋଚନା କରାଯାଇ ସମସ୍ୟାର ସମାଧାନ କରାଯାଇଥାଏ। ଆବଶ୍ୟକ ପଡ଼ିଲେ ପୁନର୍ବାର ପଞ୍ଚାୟତସ୍ତରୀୟ ଉଚ୍ଚକମିଟି ଜରିଆରେ ବି ଘଟଣାର ସମାଧାନ ପାଇଁ ପଦକ୍ଷେପ ନିଆଯାଇଥାଏ। ଯଦି କେହି ବ୍ୟକ୍ତି ସର୍ବସମ୍ମତ ନିଷ୍ପତ୍ତିକୁ ଅମାନ୍ୟ କରନ୍ତି, ତେବେ ତାଙ୍କୁ ପୋଲିସକୁ ହସ୍ତାନ୍ତର କରାଯାଇଥାଏ। ମାତ୍ର ପ୍ରତିବର୍ଷ ଶାନ୍ତିଶୃଙ୍ଖଳା ସହିତ ଏଠାରେ ପଣାଯାତ୍ରା ପାଳିତ ହୋଇଆସୁଛି।

**ଆତସବାଜି ପ୍ରତିଯୋଗିତା ଚାଲେ–** ପାଇକ ଆଖଡ଼ା ସଙ୍ଗଠକ ସୁବାସ ଜେନା କୁହନ୍ତି, ଏହି ଆଧ୍ୟାତ୍ମିକ ଓ ସାଂସ୍କୃତିକ ପର୍ବରେ ସଂକୀର୍ତ୍ତନ, ଭାରତଲୀଳା, ଅନ୍ୟାନ୍ୟ ପାରମ୍ପରିକ ଲୋକକଳା , ସୁସଜ୍ଜିତ ମେଢ , ଦୋଳବିମାନ ଦେଖିବାକୁ ମିଳେ। ଯାତ୍ରା ପଡ଼ିଆରେ ଅପେରା ପାର୍ଟି ବି ପଡ଼େ। ପଡ଼ିଆର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବିଭିନ୍ନ ଆତସବାଜିର ପ୍ରତିଯୋଗିତା ଚାଲେ। ହଜାର ହଜାର ଲୋକଙ୍କ ସମାଗମ ହୋଇଥାଏ। ଏଠାରେ କିଛିଦିନପାଇଁ ଅନେକ ଦୋକାନ ଖୋଲାଯାଉଥିବାରୁ ବିଭିନ୍ନ ଘରକରଣା ସାମଗ୍ରୀକୁ ଲୋକେ କିଣିନେଇଥାନ୍ତି । ଏହି ଯାତ୍ରାକୁ ସ୍ଥାନୀୟ ଗ୍ରାମବାସୀ ପ୍ରତିବର୍ଷ ଅପେକ୍ଷାକରି ରହିଥାନ୍ତି।


**–ବନବିହାରୀ ବେହେରା,**
**କୈଳାସ ପଟ୍ଟନାୟକ**









# ହବିବ୍ ତନ୍‌ବିର






ଭାରତୀୟ ନାଟ୍ୟ ଜଗତର ଜଣେ ବହୁ ସ୍ମରଣୀୟ ବ୍ୟକ୍ତିତ୍ୱ ହେଉଛନ୍ତି ହବିବ୍ ତନ୍‌ବିର। ତାଙ୍କର ନାଟକ ସବୁ ହିନ୍ଦୀ ଏବଂ ଉର୍ଦ୍ଦୁ ଭାଷାରେ ରଚିତ। ସେ କେବଳ ଜଣେ ନାଟ୍ୟକାର ନୁହନ୍ତି। ଏକାଧାରରେ ସେ ଜଣେ ନାଟ୍ୟକାର, କବି, ଅଭିନେତା, ମଞ୍ଚ ବ୍ୟକ୍ତିତ୍ୱ ତଥା ନାଟ୍ୟ ନିର୍ଦ୍ଦେଶକ। ତାଙ୍କର ସବୁଠୁ ବେଶି ଚର୍ଚ୍ଚିତ ନାଟକ ଦୁଇଟି ହେଉଛି ‘ଚରନ୍‌ଦାସ ଚୋର’ ଏବଂ ‘ଆଗ୍ରା ବଜାର’। ଥିଏଟରକୁ ଏକ ସ୍ୱତନ୍ତ୍ରମାନ୍ୟତା ଦେବା ପାଇଁ ଯେଉଁ କେତେଜଣ ନାଟ୍ୟ ବ୍ୟକ୍ତିତ୍ୱ ଜୀବନବ୍ୟାପୀ ପ୍ରଚେଷ୍ଟା ଚଳେଇଥିଲେ ଆଉ ସଫଳ ମଧ୍ୟ ହୋଇଥିଲେ ସେମାନଙ୍କ ମଧ୍ୟରେ ଅଗ୍ରଣୀ ଥିଲେ ହବିବ୍ ତନ୍‌ବିର। ସେ କେବଳ ହିନ୍ଦୀ ତଥା ଉର୍ଦ୍ଦୁ ଥିଏଟର ସହିତ ନୁହେଁ; ଅଧିକନ୍ତୁ ଛତିଶଗଡ଼ି ନାଟ୍ୟ ସଂସ୍ଥା ସହିତ ସମ୍ପୃକ୍ତ ରହି ଆଞ୍ଚଳିକ ନାଟ୍ୟମଞ୍ଚଗୁଡ଼ିକୁ ଆଗେଇ ନେବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ତାଙ୍କର ଲୋକପ୍ରିୟ ନାଟକଗୁଡ଼ିକ ମଧ୍ୟରେ ରହିଛି ଚରନ୍‌ଦାସ ଚୋର, ଗାଓଁ କା ନାମ ଶଶୁରାଲ୍, ମୋର୍ ନାମ୍ ଦାମାଦ, କାମଦେଓ କା ଅପ୍‌ନା ବସନ୍ତ ଋତୁ କା ସପ୍‌ନା ଏବଂ ଆହୁରି ଅନେକ। ନାଟକ ତଥା ନାଟ୍ୟ ଜଗତକୁ ନେଇ ତାଙ୍କର ଆଜୀବନ ସାଧନା ନିମନ୍ତେ ତାଙ୍କୁ ମିଳିଛି ବହୁ ସାଧନା ଓ ସ୍ୱୀକୃତି। ସେଥିମଧ୍ୟରୁ ସଙ୍ଗୀତ ନାଟକ ଏକାଡ଼େମୀ ପୁରସ୍କାର, ଜୱାହରଲାଲ୍ ନେହେରୁ ଫେଲୋଶିପ୍, ପଦ୍ମଶ୍ରୀ, କାଳିଦାସ ସମ୍ମାନ, ସଙ୍ଗୀତ ନାଟକ ଏକାଡେମୀ ଫେଲୋଶିପ୍, ପଦ୍ମଭୂଷଣ ଆଦି ଅନ୍ୟତମ।

**ପ୍ରାଥମିକ ଜୀବନ :** ୧୯୨୩ ମସିହା ସେପ୍ଟେମ୍ବର ୧ ତାରିଖରେ ଛତିଶଗଡ଼ର ରାୟପୁରଠାରେ ଜନ୍ମଗ୍ରହଣ କରିଥିଲେ ହବିବ୍ ତନ୍‌ବିର। ବାପାଙ୍କ ନାମ ହାଫିଜ୍ ଅହମ୍ମଦ ଖାଁ। ହାଫିଜ୍ ଥିଲେ ପେଶାୱରର ମୂଳ ବାସିନ୍ଦା। ରାୟପୁରର ଲୌରୀ ମୁନିସପାଲ ହାଇସ୍କୁଲ୍‌ର ସେ ମାଟ୍ରିକୁଲେସନ୍ ଶେଷ କରିଥିଲେ। ନାଗପୁରର ମୋରିସ୍ କଲେଜରୁ ସ୍ନାତକରେ ଡିଗ୍ରୀ ହାସଲ କରିଥିଲେ। ଆଲିଗଡ଼ ମୁସଲିମ୍ ୟୁନିଭର୍ସିଟି ଯାଇ ସେ ସ୍ନାତକୋତ୍ତର ଡିଗ୍ରୀ ଲାଭକଲେ। ପ୍ରଥମେ ସେ କବିତା ଲେଖୁଥିଲେ। ତେବେ କବିତା ସେ ନିଜ ନାମରେ ନ ଲେଖି ଛଦ୍ମନାମରେ ଲେଖୁଥିଲେ। ତାଙ୍କର ଛଦ୍ମନାମ ଥିଲା ତଖ୍‌ଲୁଜ୍। ତେବେ କିଛିଦିନ ପରେ ସେ ତାଙ୍କ ନିଜ ନାମରେ ଲେଖିବା ଆରମ୍ଭ କଲେ ଓ ତାହା ତାଙ୍କୁ ସଫଳତା ଆଣିଦେଲା।

**ନାଟ୍ୟ ଆନ୍ଦୋଳନର ଗୁଣ୍ଡୁଚି ମୂଷା :** ଭାରତବର୍ଷରେ ନାଟକର ଚାହିଦା ଯେତେ ଏହାକୁ ନେଇ ବାଦ ବିସମ୍ବାଦ ମଧ୍ୟ ସେତିକି। ସେଥିଲାଗି ଏକଦା ନବେ ଦଶକରେ ଆରମ୍ଭ ହୋଇଥିଲା ନବନାଟ୍ୟ ଆନ୍ଦୋଳନ। ସେତିକିନୁହେଁ, କାହାଣୀକୁ ନେଇ ପରୀକ୍ଷା ନିରୀକ୍ଷା କରିବାରେ ଲାଗି ପଡ଼ିଥିଲେ ନାଟ୍ୟକାରମାନେ। ଏହାକୁ କୁହାଯାଉଥିଲା ନିୟୁ ଷ୍ଟୋରୀ ମୁଭ୍‌ମେଣ୍ଟ। ପ୍ରାଚୀନ କାଳରୁ ପ୍ରଚଳିତ ସାହିତ୍ୟର ଖୋଳପା ଭିତରୁ ବାହାରି ସାଧାରଣ ମଣିଷର କଥା ଲେଖିବା ଥିଲା ଏହି ମୁଭ୍‌ମେଣ୍ଟର ଲକ୍ଷ୍ୟ। ହବିବ୍ ତନ୍‌ବିର ନିଜକୁ ସେହି ଧାରା ସହିତ ଯୋଡ଼ିବାର ପ୍ରୟାସ କରିଥିଲେ। ତାଙ୍କର ପୂର୍ବସୂରୀମାନେ ଯେଉଁ ଧାରାକୁ ସୃଷ୍ଟି କରି ଯାଇଛନ୍ତି ତାହାକୁ ଆଗକୁ ନେବାକୁ ସେ ନିଜ ଜୀବନର ମୂଳମନ୍ତ୍ର ବୋଲି ଗ୍ରହଣ କରିଥିଲେ। ଏକଦା ଏକ ସାକ୍ଷାତ୍‌କାରରେ କହିଥିଲେ ଯେ, ବିଗତ ଦଶନ୍ଧିଗୁଡ଼ିକରେ ନବନାଟ୍ୟ ଆନ୍ଦୋଳନ ଆମକୁ ଯାହା ଦେଇଯାଇଛି ତାହାକୁ ଆମେ ଭୁଲିବା ଉଚିତ ନୁହେଁ। ଅଧିକନ୍ତୁ ଗୁଣ୍ଡୁଚି ମୂଷା ପରି ସେଥିରେ ବାଲି ସିଞ୍ଚିବା ଆମର ନୈତିକଦାୟିତ୍ୱ। ହବିବଙ୍କ ଦ୍ୱାରା ସୃଷ୍ଟି କରାଯାଇଥିବା ନାଟକଗୁଡ଼ିକ ଯେ, ସେହି ଚିନ୍ତାଧାରାର ଗୋଟିଏ ଗୋଟିଏ ବଳିଷ୍ଠ ଦୃଷ୍ଟାନ୍ତ ତାହା ପଢ଼ିଲେ ସ୍ପଷ୍ଟ ହୋଇଯାଏ।

ଏହି ନାଟ୍ୟ ପ୍ରତିଭାଙ୍କର ଦେହାନ୍ତ ଘଟିଥିଲା ୨୦୦୯ ମସିହା ଜୁନ୍‌ମାସ ୮ ତାରିଖରେ।

## ପୁସ୍ତକ ସମୀକ୍ଷା

### ନିର୍ବାଚିତ ଗଳ୍ପ




ଅନୁବାଦ : କନକ ମଞ୍ଜରୀ ସାହୁ

କନକ ମଞ୍ଜରୀ ସାହୁଙ୍କ ଦ୍ୱାରା ଅନୂଦିତ ‘ନିର୍ବାଚିତ ଗଳ୍ପ’ ପୁସ୍ତକ ଇତିମଧ୍ୟରେ ପାଠକାର୍ପିତ ହୋଇଯାଇଛି। ମୁଖ୍ୟତଃ ଭାରତୀୟ ତଥା ନେପାଳୀ ଭାଷାର ସୁନିର୍ବାଚିତ ଗଳ୍ପସବୁକୁ ଅନୁବାଦିକା ସ୍ଥାନ ଦେଇଛନ୍ତି ଏହି ସଂକଳରେ। ଏଥିରେ ନିର୍ଦ୍ଦିଷ୍ଟ ଭାବରେ ସ୍ଥାନିତ ହୋଇଥିବା ଗଳ୍ପସବୁର ମୂଳ ଭାଷା ହେଉଛି ଯଥାକ୍ରମେ ହିନ୍ଦୀ, ତାମିଲ, ମେଘାଳୟ, ତେଲୁଗୁ, ଗୁଜରାଟୀ, ସିନ୍ଧି, ତ୍ରିପୁରା, ବଙ୍ଗଳା, କୋଙ୍କଣୀ, ନାଗାଲାଣ୍ଡ, ମାଲାୟାଲମ୍, ଉର୍ଦ୍ଦୁ, ମିକୋ ଏବଂ କନ୍ନଡ଼, ଅସମୀୟ, ବୋଡ଼ୋ, ନେପାଳୀ। ସଂକଳନସ୍ଥ ପ୍ରଥମ ଗଳ୍ପ ‘ବାପାଙ୍କ ନାଚ’। ଏହା ହେଉଛି ଏକ ହିନ୍ଦୀ ଗଳ୍ପ। ଏହାର ମୂଳ ଲେଖକ ହେଉଛନ୍ତି ଆଶୁତୋଷ। ପୁସ୍ତକସ୍ଥ ଗଳ୍ପଗୁଡ଼ିକ ପଠନୀୟତା ଦାବି କରେ।

### ଈପ୍‌ସିତ ପୃଥିବୀ




କବି : ଜଳଧର ସ୍ୱାଇଁ

କବି ଜଳଧର ସ୍ୱାଇଁଙ୍କ କବିତା ସଂକଳନ ‘ଈପ୍‌ସିତ ପୃଥିବୀ’ ହସ୍ତଗତ ହୋଇଛି। ସାହିତ୍ୟ ଶ୍ୱେତପଦ୍ମା ଦ୍ୱାରା ପ୍ରକାଶିତ ଏହି ସଂକଳନରେ ରହିଛି ମୋଟ୍ ୫୧ଟି କବିତା। ସଂକଳନର ପ୍ରଥମ କବିତା ‘ପଥର’। ‘ପଥର’କୁ କବି ଏକ ମେଟାଫର ନେଇ ଯନ୍ତ୍ରଣା ଜର୍ଜରିତ ମଣିଷର ଦୁଃଖ ବୟାନ କରିଛନ୍ତି। ନିଆଯାଉ ଗୋଟିଏ ଦୃଷ୍ଟାନ୍ତ : ଯେବେଯେବେ ଖାଇଛି ଠୋକର/ ସ୍ୱଚ୍ଛ ଅନ୍ଧାର ଛାତିରେ/ ମିଶେଇ ଦେଇଛି ଛାତି/ଖରା ଖରକିଛି ପିଠି/ବରଷା ଧୋଇଛି ଆଖି/ସ୍ନାୟୁଶିରା ଫାଟି ଝରୁଥିବା/ବୁନ୍ଦାବୁନ୍ଦା ରକତ ଶୁଖିଛି। ସଂକଳନର କବିତାଗୁଡ଼ିକ ବେଶ୍ ଭାବଦ୍ୟୋତକ। ଯେମିତି ‘ନିୟତ ଚିତରେ ନଈ’ କବିତାରେ କୁହାଯାଉଛି – ବେଳେବେଳେ ଏମିତି ଅନେକ ପ୍ରଶ୍ନ/ଆଙ୍କିପାରେ ନଈର ନିୟତ ଚିତ୍ର/କାନ୍ଧରେ ବି ବହିପାରେ/ ଆପଣାର ଦାୟ। କବିତାଗୁଡ଼ିକ ସୁଖପାଠ୍ୟ।

### ଶିଳା ପ୍ରତ୍ୟୟ




କବି : ଭରତ ଚନ୍ଦ୍ର ଦାଶ

ପ୍ରାୟ ପଚାଶଟି କବିତାକୁ ନେଇ ସମୃଦ୍ଧ ହୋଇଛି କବିତା ସଂକଳନ ‘ଶିଳା ପ୍ରତ୍ୟୟ’। ଏହାର କବି ହେଉଛନ୍ତି ଭରତ ଚନ୍ଦ୍ର ଦାଶ। ସଂକଳନର ଆରମ୍ଭରେ କବି ନିଜ ମୁହଁରେ କହନ୍ତି – ‘ମୋ କବିତା ମୋ ପ୍ରେମ। ପ୍ରେମ ହିଁ ଜୀବନ। ଜୀବନ ହିଁ ପ୍ରେମ। ତେବେ ମୋ ପାଇଁ କବିତା ହିଁ ପ୍ରେମ।’ ତେଣୁ ଅତି ସଂକ୍ଷେପରେ ଏତିକି କୁହାଯାଇପାରିବ ଯେ, ଏକ ଗଭୀର ପ୍ରେମ ମନସ୍କତା ହିଁ କବିତା ସବୁର ପ୍ରାଣକେନ୍ଦ୍ର। ତେବେ ସେ ପ୍ରେମକୁ କିଏ କିଭଳି ଭାବରେ ଗ୍ରହଣ କରିବ ତାହା ନିର୍ଭରକରେ ପାଠକମାନଙ୍କ ଉପରେ। କବିତାର ମୁଖବନ୍ଧ ରଚନା କରିଥିବା ବ୍ରଜମୋହନ ମିଶ୍ରଙ୍କ ଭାଷାରେ – ମୋର ପରମପ୍ରିୟ ଛାତ୍ର କବି ଭରତଙ୍କ କବିବାଣୀ, କାବ୍ୟଠାଣି ଓ କବିତାର କାହାଣୀରେ ଏହି ଦୁର୍ଲଭ ଦିବ୍ୟ ଅନୁରାଗର ମାର୍ମିକ ଆଲିଙ୍ଗନ ଓ ଅନୁରଣନ ଯେକୌଣସି କାବ୍ୟାମୋଦୀଙ୍କ ପାଇଁ ଉଭୟ ଆନନ୍ଦ ଓ ଆଲୋକର ପ୍ରେମାସ୍ୱାଦ ଉତ୍ସ। ସଂକଳନଟି ପାଠକାଦୃତ ହେବା ଆଶା।



# କୌନ୍ ବନେଗା ଅସ୍‌ଲି ଇନ୍‌ସାନ

**–ସ୍ମିତା ନାୟକ**

ସକାଳ ନଅଟା ବାଜି ତିରିଶ ମିନିଟ୍ । ସ୍କୁଲ ଯିବାକୁ ତରତର ହେଉଥାଏ । ବୋତଲ ମିଳିଲା ବେଳେ ଭ୍ୟାନିଟ୍ ମିଳୁ ନ ଥିଲା । ଆଉ ତାହା ମିଳିଲା ପରେ ଜୋତା ଖୋଜିବାକୁ ପଡୁଥିଲା । ଭ୍ୟାନିଟ୍‌ରେ ମୋବାଇଲ୍ ଭର୍ତ୍ତି କରିସାରିବା ପରେ ହଠାତ୍ ଘରୁ ଗୋଡ଼ କାଢ଼ିଲା ବେଳେ ରିଂଟୋନ୍ ବାଜିଉଠିଲା । ମନରେ ବିରକ୍ତିଭାବ ଆସିଲା । ରାଗ ତମତମ ହୋଇ ଫୋନ୍ ଦେଖିବା ପୂର୍ବରୁ ହିଁ କିଏ ଏ ସମୟରେ କଲ୍ କଲା ଭାବି ମନେ ମନେ ଗାଳି କଲି । ଫୋନ ରିସିଭ୍ କଲି । ଝିଅଟିଏ ନରମ ଗଳାରେ ପଚାରିଲା ''ଆପଣ କ'ଣ ୫ଟି ସହଜ ପ୍ରଶ୍ନର ଉତ୍ତର ଦେଇ କୋଟିପତି ହେବାକୁ ଚାହାନ୍ତି କି ?'' କୋଟିପତି ହେବା ଲୋଭରେ ମୁଁ ଫୋନ କଲ୍‌ର ଉଦ୍ଦେଶ୍ୟ ଜାଣିବାକୁ ଚାହିଁଲି । କୌନ୍ ବନେଗା କରୋଡପତି ସହ ସମକକ୍ଷ ଆମର ଏହି ଗେମ୍‌ଟି । ଆମ ଗେମ୍‌ର ନାମ ହେଲା ''କୌନ୍ ହୈ ଅସ୍‌ଲି ଇନ୍‌ସାନ୍ ?'' (ଅର୍ଥାତ୍ କିଏ ପ୍ରକୃତ ମନୁଷ୍ୟ) – ସେପଟୁ ଝିଅଟିର ଏପରି କଥାଶୁଣି ମୋ ମନରେ ଲୋଭ ଆସିଗଲା । ସ୍କୁଲଯିବା କଥାକୁ ପ୍ରାଧାନ୍ୟ ନ ଦେଇ ପ୍ରଶ୍ନ ପଚାରିବାକୁ କହିଲି ।

ଝିଅଟି ଅବିଳମ୍ବେ ପ୍ରଥମ ପ୍ରଶ୍ନ କଲା, ''ବିଲେଇ ଆପଣଙ୍କର କ'ଣ ହେବ ?'' ପ୍ରଶ୍ନ ଶୁଣି ମୋ ମନରେ ଖୁସିର ଲହରି ଖେଳିଗଲା । ସଙ୍ଗେ ସଙ୍ଗେ ଉତ୍ତର ଦେଲି, ''ବିଲେଇ ଆମର ମାଉସୀ ।'' ଅପଣ ଠିକ୍ ଉତ୍ତର ଦେଇଛନ୍ତି କହି ଝିଅଟି ଦ୍ୱିତୀୟ ପ୍ରଶ୍ନ ପଚାରିଲା – ''କେଉଁମାନେ ଆପଣଙ୍କ ପୂର୍ବଜ ?'' ଯଥାଶୀଘ୍ର ଉତ୍ତର ଦେଲି, ''ମାଙ୍କଡ଼ମାନେ ଆମର ପୂର୍ବଜ ।'' ଆପଣ ଦୁଇଟି ପଶ୍ନର ଠିକ୍ ଉତ୍ତର ଦେଲେ ବୋଲି ଝିଅଟି ହସି ହସି କହିଲା । ଆଉ ତୃତୀୟ ପ୍ରଶ୍ନ ପଚାରିଲା, '' ଯଦି ତୁମେ ଅଯଥାରେ ପାଟିତୁଣ୍ଡ କର, ତେବେ ତୁମ ସାଙ୍ଗମାନେ ତୁମକୁ କ'ଣ କହନ୍ତି ?'' ମୁଁ କହିଲି, ସେମାନେ କହନ୍ତି ଯେ କାହିଁକି କୁକୁର ଭଳି ଭୁକୁଛୁ । ଏହା ମଧ୍ୟ ଠିକ୍ କହି ସେ ଚତୁର୍ଥ ପ୍ରଶ୍ନ ପଚାରିଲା, ତୁମେ ଯଦି ପରୀକ୍ଷାରେ ଫେଲ୍ ହୁଅ କିମ୍ବା କମ୍ ମାର୍କ ଆଣ, ତେବେ ତୁମ ଶିକ୍ଷକ କ'ଣ ବୋଲି କହନ୍ତି ?'' ସଙ୍ଗେସଙ୍ଗେ ଉତ୍ତରରେ କହିଲି, ''ଶିକ୍ଷକ ମତେ ଗଧ ପିଲା ବୋଲି କହି ଗାଳିଦିଅନ୍ତି ।''

ତୁମେ ଚାରୋଟି ପ୍ରଶ୍ନର ଠିକ୍ ଉତ୍ତର ଦେଇଛ କେବଳ ଏଥର ଗୋଟିଏ ମାତ୍ର ପ୍ରଶ୍ନର ଠିକ୍ ଉତ୍ତର ଦେଲେ ତୁମେ କୋଟିଏ ଟଙ୍କା ପୁରସ୍କାର ପାଇବ ବୋଲି ଝିଅଟି କହିଲା । ପଞ୍ଚମ ପ୍ରଶ୍ନକୁ ଉତ୍କଣ୍ଠାର ସହ ଅପେକ୍ଷା କଲି । ସେ ପ୍ରଶ୍ନ କଲା – '' ତୁମେ ଯଦି କେଉଁଠି ଚତୁରତା ପ୍ରଦର୍ଶନ କର ତାହାହେଲେ ଲୋକେ କ'ଣ କହନ୍ତି ?'' ମୁଁ ସଙ୍ଗେ ସଙ୍ଗେ କହିଦେଲି – ''ଶୃଗାଳ ପରି ତୁ ଚତୁର ଅଛୁ ।'' ଝିଅଟି କହିଲା ଠିକ୍ ଉତ୍ତର ।

ମୁଁ ଏକ କୋଟି ଟଙ୍କା ପାଇବି ବୋଲି ଖୁସିରେ ନାଚିବା ବେଳେ ଝିଅଟି ପୁଣି କଲ୍ କରି କହିଲା ତୁମେ ପାଞ୍ଚୋଟି ପ୍ରଶ୍ନର ଉତ୍ତର ଠିକ୍ ଦେଇଛ କିନ୍ତୁ ପୁରସ୍କାର ଟଙ୍କା ପାଇବ ନାହିଁ । ମୁଁ କହିଲି କାହିଁକି ? ସେ କହିଲା ଆମର ଖେଳର ନାମ ଥିଲା 'କୌନ୍ ହୈ ଅସ୍‌ଲି ଇନ୍‌ସାନ' ଅର୍ଥାତ୍ କିଏ ପ୍ରକୃତ ମନୁଷ୍ୟ ? କିନ୍ତୁ ତୁମେ ଉତ୍ତରରେ ପ୍ରଥମେ କହିଲ ବିଲେଇ ତୁମର ମାଉସୀ, ତା'ପରେ ମାଙ୍କଡ଼ ତୁମର ପୂର୍ବଜ, ସାଙ୍ଗମାନେ କୁହନ୍ତି କୁକୁର ଭଳି ଭୁକୁଛୁ, ଶିକ୍ଷକ କହନ୍ତି ତୁ ଗଧ ପିଲା ଆଉ ଶେଷ ଉତ୍ତରରେ କହିଲ ତୁମେ ଶୃଗାଳ ପରି ଚତୁର । ତୁମର ସମ୍ପର୍କୀୟ, ପୂର୍ବଜ, ଗୁଣ, ଚରିତ୍ର ଯଦି ପଶୁ ପରି ତା' ହେଲେ ତୁମେ ''ଅସ୍‌ଲି ଇନ୍‌ସାନ୍'' ଅର୍ଥାତ୍ ପ୍ରକୃତ ମନୁଷ୍ୟ ହେଲ କିପରି ? ଏଥିପାଇଁ ତୁମର ଉତ୍ତର ଠିକ୍ ହେଲେ ମଧ୍ୟ ତୁମେ ଏକ କୋଟି ଟଙ୍କା ପାଇବ ନାହିଁ । ଧନ୍ୟବାଦ ଏହା କହି ସେ ଫୋନ୍ କାଟିଦେଲେ । ମୁଁ ଟଙ୍କା ଲୋଭରେ ବୋକୀ ବନିସାରିଥିବାରୁ ନିଜ ଉପରେ ନିଜେ ବିରକ୍ତ ହେଲି ।

*–ଭଞ୍ଜନଗର, ଗଞ୍ଜାମ*



ଗୀତି କବିତା

## ତମ ପାଇଁ ପ୍ରିୟା

**–ରମେଶ ମଙ୍ଗରାଜ**

ଫୁଲ ପାଖୁଡ଼ାରୁ ବାସ ଚହଟିଲେ
ମହକରେ ଥାଏ ତମରି ଛୁଆଁ
ଜହ୍ନର ଓଠରୁ ଜୋଚ୍ଛନା ଝରିଲେ
ଜୋଚ୍ଛନାରେ ଥାଅ ତମେ ଗୋ ପ୍ରିୟା ।
ଝରା ଶ୍ରାବଣରେ ଭିଜାସପନରେ
କଦମ୍ବ ଫୁଲରେ ତୁମକୁ ପାଏ
ଶୀତୁଆ ସକାଳ ସୋରିଷ କ୍ଷେତରେ
ତମ ମନ କଥା ପବନ କହେ
କାକରରେ ଭିଜା ହେମନ୍ତ ଋତୁଟା
ତମ ପାଇଁ ପ୍ରିୟା ଲାଗଇ ନୂଆ ।
ଫୁଲପାଖୁଡାରୁ ବାସ ଚହଟିଲେ...
ପହିଲି ବସନ୍ତ ମଧୁର ମଳୟ
ତମ ପାଇଁ ଆଣେ ଚୋରା ଚଇତି
ବଇଶାଖ ଖରା ଡହକ ବେଦନା
ତମ ଛାତିତଳେ ଭରଇ ତାତି
ଭୁଲିଯାଅ ପଛେ ତମେ ଆଗୋ ପ୍ରିୟା
ଅଭୁଲା ମୋ ପାଖେ ତମରି ନାଆ ।
ଫୁଲ ପାଖୁଡାରୁ ବାସ ଚହଟିଲେ...

*–କବି ଓ କବିତା ଭବନ*
*ମହୁଲ, ଅଙ୍ଗାରପଡା, ଖୋର୍ଦ୍ଧା*
*୭୫୨୦୫୪*

## ତୁମ ପାଇଁ ଲେଖୁଛି

**–ଶକ୍ତି ସ୍ୱାଇଁ**

ତୁମ ପାଇଁ ଲେଖୁଛି ମୁଁ କବିତା
ଗୋଲାପ କଢିର ଢ଼େଙ୍ଗରେ
କାକର ସ୍ୟାହିରେ
ନବ ପଲବର କଅଁଳ ଛାତିରେ ।
ଆମ୍ବ ବଉଳର ଶୋଭିତ ସମ୍ଭାରେ
ଦେଖୁଛି ମୁଁ ପ୍ରତିବିମ୍ବ ତୁମର ।
ମଲ୍ଲୀ ମାଳତୀର ମହକରେ
ଭ୍ରମରେ ଭ୍ରମୁଥିବା ମଧୁବ୍ରତର
ସଙ୍ଗୀତ ମହ୍ଲାରେ
କଣ୍ଟକିତ କିଆ ଓ କେତକୀର
ଦୁର୍ଲ୍ଲଭ ବାସ୍ନାରେ
ଲଭୁଛି ମୁଁ ସାନିଧ୍ୟ ତୁମର ।
ମଳୟ ମରୁତର ଲାବନ୍ୟ ଗତିରେ
ହେ ବସନ୍ତ !
ତୁମେ ଚାଲି ଯାଅନା
ରହିଯାଅ କିଛି ଦିନ ଆଉ
ତୁମେ ମୋ ସାଥିରେ ।
ମୁଁ ହଜି ଯିବାକୁ ଚାହେଁ
ତୁମରି ଭିତରେ ।

*ଏଲ୍.ପି–୧୧,ଷ୍ଟେଜ–୪*
*ଜେଲ ଛକ, ଭୁବନେଶ୍ୱର*







# ସୁରିୟା ଯାହା ଚାହୁଁଥିଲେ

ତାମିଲ ଫିଲ୍ମ ଇଣ୍ଡଷ୍ଟ୍ରିର ଅନ୍ୟତମ ବ୍ୟସ୍ତ ତାରକା ହେଲେ ସୁରିୟା। ନିକଟରେ ତାଙ୍କର ଏକ ଆଶା ପୂରଣ ହୋଇଛି। ଇତି ମଧ୍ୟରେ ତାଙ୍କର ୩୮ତମ ସିନେମାର ଶୁଟିଂ ଆରମ୍ଭ ହୋଇଯାଇଛି। ହେଲେ ଏହା ପଛରେ ଏକ ଖାସ୍ କଥା ରହିଛି। ବେଶ କିଛି ମାସ ହେଲା ତାଙ୍କ ମନକୁ ଏକ ଷ୍ଟୋରି ଆଇଡିଆ ଆସିଥିଲା। ବିଖ୍ୟାତ ଉଦ୍ୟୋଗକାରୀ ଜିଆର ଗୋପୀନାଥଙ୍କ ଜୀବନୀ ଉପରେ ଏକ ସିନେମା ନିର୍ମାଣ ହେଉ ବୋଲି ସେ ଚାହୁଁଥିଲେ। ଆଉ ତାହା ସତକୁ ସତ ହେବାକୁ ଯାଉଛି ମଧ୍ୟ। ଏପରି ସଂଯୋଗ ଯେ, ସେହି ଫିଲ୍ମର ଟାଇଟଲ ଭୂମିକାରେ ସେ ନିଜେ ଅଭିନୟ କରୁଛନ୍ତି। ଯେତେବେଳେ ଏହି ଫିଲ୍ମର ମହୁରତ ହେଲା ସେତେବେଳେ ସେ ଏ ବିଷୟରେ ସୂଚନା ଦେଇ କହିଲେ, ''ଏୟାର ଡେକାନ୍‌ର ପ୍ରତିଷ୍ଠାତା କ୍ୟାପଟେନ୍ ଜିଆର ଗୋପୀନାଥଙ୍କ ଜୀବନୀ ମୋତେ ବେଶ୍ ପ୍ରଭାବିତ କରିଛି। ତାଙ୍କ ଉପରେ ଏକ ବାୟୋପିକ ହେବା ଦରକାର ବୋଲି ମୁଁ ଭାବୁଥିଲି। ପୁଣି ଏମିତି ହେଲା ଯେ ସେହି ଫିଲ୍ମର ମୁଖ୍ୟ ଭୂମିକାରେ ନିଜେ ଅଭିନୟ କରୁଛି। ଏହାଠାରୁ ସୌଭାଗ୍ୟର କଥା କିଛି ନାହିଁ।'' ଏଥିରେ ସୁରିୟାଙ୍କ ନାୟିକା ସାଜିଛନ୍ତି ଅପର୍ନା ବାଲାମୁରଲି।

ସମିତ-ପୁନମ



# ପ୍ରଣିଥାଙ୍କ ବଲିଉଡ୍ ଡେବ୍ୟୁ

ଅଜୟ ଦେବଗନଙ୍କ ଆଗାମୀ ଚଳଚ୍ଚିତ୍ରରେ ଅଭିନୟ କରିବାର ସୁଯୋଗ ପାଇଛନ୍ତି ତେଲୁଗୁ ନାୟିକା ପ୍ରଣିଥା ସୁବାସ। ଆଉ ଏପରି ଏକ ସୁଯୋଗ ପାଇବା ପରେ ତାଙ୍କର ଖୁସି କହିଲେ ନ ସରେ। ଏ ବିଷୟରେ ସେ କହନ୍ତି, 'ଅଜୟ ହେଉଛନ୍ତି ମୋର ଫେଭରାଇଟ୍ ଆକ୍ଟର। ଆଉ ତାଙ୍କ ସହ ମୁଁ ମୋର ବଲିଉଡ ଡେବ୍ୟୁ କରିବା କଥା ଜାଣିବା ପରେ ମୋ ଗୋଡ ଆଉ ତଳେ ଲାଗୁନି। ସବୁଠାରୁ ବଡ କଥା ହେଲା ଏକ ସତ ଘଟଣା ଉପରେ ଫିଲ୍ମଟି ନିର୍ମିତ ହେଉଛି।' ଏହି ଫିଲ୍ମର ଟାଇଟଲ ରହିଛି 'ଭୁଜ୍ : ଦ ପ୍ରାଇଡ୍ ଅଫ ଇଣ୍ଡିଆ'। ୧୯୭୧ରେ ଭାରତ -ପାକିସ୍ତାନ ମଧ୍ୟରେ ହୋଇଥିବା ଯୁଦ୍ଧକୁ ନେଇ ଫିଲ୍ମର କଥାବସ୍ତୁ ରଚନା କରାଯାଇଛି। ଏଥିରେ ଭାରତୀୟ ବାୟୁ ସେନାର ୱିଙ୍ଗ କମାଣ୍ଡର ବିଜୟ କାର୍ନିକ ଭୂମିକାରେ ଅଭିନୟ କରିବେ ଅଜୟ। ତାଙ୍କ ବ୍ୟତୀତ ସଞ୍ଜୟ ଦତ୍ତ, ସୋନାକ୍ଷୀ ସିହ୍ନା, ପରିଣିତି ଚୋପ୍ରା ମଧ୍ୟ ଏଥିରେ ଅଭିନୟ କରୁଛନ୍ତି। ଅଭିଷେକ ଦୁଧୈୟା ଏହାର ନିର୍ଦ୍ଦେଶନା ଦେଇଛନ୍ତି। ତେଲୁଗୁ ହେଉ ଅବା ତାମିଲ- ଯା ଭିତରେ ପ୍ରଣିଥା କେତୋଟି ସିନେମାରେ ଅଭିନୟ କରି ଦର୍ଶକଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇଛନ୍ତି। ତାଙ୍କ ଅଭିନୀତ ପ୍ରମୁଖ ଫିଲ୍ମଗୁଡିକ ମଧ୍ୟରେ ରହିଛି 'ବାବା', 'ଆଟାର୍ନିକି ଡାରେଡି' ଏବଂ 'ମାସୁ ଇନଗିରା ମାସିଲାମାନି'। 'ଭୁଜ୍ : ଦ ପ୍ରାଇଡ୍ ଅଫ ଇଣ୍ଡିଆ' ଆସନ୍ତାବର୍ଷ ଅଗଷ୍ଟ ୧୪ରେ ରିଲିଜ ହେବାର ଯୋଜନା ରହିଛି।



ପ୍ରଣିଥା

# ଓଜନ ବଢାଉଛନ୍ତି ବିକ୍ରାନ୍ତ

ପୂର୍ବରୁ କେତୋଟି ଚଳଚ୍ଚିତ୍ରରେ ଅଭିନୟ କରିସାରିଥିବା ବିକ୍ରାନ୍ତ ମେସିଙ୍କୁ ଏବେ ମେଘନା ଗୁଲଜାରଙ୍କ 'ଛପାକ୍' ଚଳଚ୍ଚିତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ମିଳିଛି। ଦୀପିକା ପାଦୁକୋନଙ୍କ ଅପୋଜିଟ୍‌ରେ ସେ କାଷ୍ଟ ହୋଇଛନ୍ତି। ଏପରି ସୁଯୋଗ ପାଇବା ପରେ ବିକ୍ରାନ୍ତ କହନ୍ତି, 'ଯେତେବେଳେ ଶୁଣିଲି ମୁଁ ଦୀପିକାଙ୍କ ସହ ଅଭିନୟ କରିବି ସେତେବେଳେ ମୋତେ ଯେତିକି ନର୍ଭସ ଲାଗିଥିଲା ସେତିକି ଉତ୍ସାହିତ ମଧ୍ୟ ଥିଲି। ଏହି ଭୂମିକାଟି ମୋ ପାଇଁ ଏକ ଗୁରୁ ଦାୟିତ୍ୱ ଏବଂ ତାହାକୁ ସଠିକ ଭାବରେ ତୁଲାଇ ପାରିବି ବୋଲି ନିଜ ଉପରେ ଭରସା ରହିଛି।' ଏସିଡ ମାଡରେ ଆହତ ହୋଇ ବଞ୍ଚି ଯାଇଥିବା ଲକ୍ଷ୍ମୀ ଅଗ୍ରୱାଲଙ୍କ ସଂଘର୍ଷମୟ ଓ ଲୋମହର୍ଷଣକାରୀ ଜୀବନୀକୁ ନେଇ ଉକ୍ତ ଫିଲ୍ମର ଶୁଟିଂ ଭାରତର ବିଭିନ୍ନ ସ୍ଥାନରେ ଚାଲିଛି। ଦୀପିକା ମୁଖ୍ୟ ଭୂମିକାରେ ଥିବାବେଳେ ବିକ୍ରାନ୍ତ ତାଙ୍କ ପାର୍ଟନର୍ ଭୂମିକାରେ ଅଭିନୟ କରୁଛନ୍ତି। ଏହି ଭୂମିକା ପାଇଁ ସେ ନିଜର ଓଜନ ୮ କିଗ୍ରା ବଢ଼ାଇଛନ୍ତି ଏବଂ ଆଗକୁ ଆହୁରି ୩ କିଗ୍ରା ବଢ଼ାଇବେ ବୋଲି ସୂଚନା ଦେଇଛନ୍ତି।



# ଟିକେ ଲଭ୍ ଟିକେ ଟ୍ୱିଷ୍ଟ

ପ୍ରେମ ରାସ୍ତାରେ ଯାତ୍ରା କରିବା ସମୟରେ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥାଏ। ବେଳେ ବେଳେ ପ୍ରେମରେ ଏମିତି ଟ୍ୱିଷ୍ଟ ଆସିଥାଏ, ଯାହା ଏହାର ରୂପରେଖକୁ ବଦଳାଇ ଦେଇଥାଏ। ହେଲେ ତାହାକୁ ସାମନା କରିବାର ସତ୍‌ସାହସ ରହିବା ଦରକାର। ସେହିପରି ଧନୀ ଘରର ଯୁବକ ଜଣେ ସୁନ୍ଦରୀ ପ୍ରେମରେ ପଡିଯାଏ। ହେଲେ ହଠାତ୍ ପ୍ରେମ ଆକାଶର ପାଣିପାଗ ବଦଳି ଯାଏ। ଆଉ ତା'ପରେ ? ଏହି ପ୍ରେମ ସଫଳ ହୁଏ ତ ? ପୁଣି ସେହି ଘଟଣାଟି କ'ଣ ଯାହା ଏହି ପ୍ରେମୀଯୁଗଳଙ୍କୁ ଅଡୁଆରେ ପକାଇ ଦେଇଛି ? ଏସବୁକୁ ନେଇ ପ୍ରସ୍ତୁତ ଲଭ୍ ଷ୍ଟୋରିକୁ ଆଧାର କରି ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ଟିକେ ଲଭ୍ ଟିକେ ଟ୍ୱିଷ୍ଟ'। ଏଥିରେ ଏକ ରୋମାଣ୍ଟିକ ଚରିତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି ସମ୍ମିତ। କେବଳ ସେତିକି ନୁହେଁ, ସେ ଏହି ଫିଲ୍ମର ଅନ୍ୟତମ ପ୍ରଯୋଜକ ମଧ୍ୟ ସାଜିଛନ୍ତି। ଏସ ୩ ମୁଭିଜ୍, ଲାବଣ୍ୟ ପିକ୍ଚର୍ସ ଏବଂ ଡିକେଏଫ ବ୍ୟାନରରେ ଚିତ୍ରଟିର ଅନ୍ୟ ପ୍ରଯୋଜକ ଦ୍ୱୟ ହେଲେ ସମରେଶ ରାଉତରାୟ ଏବଂ ବୁଲୁ। ଡ. ରଜନୀ ରଞ୍ଜନ ସଂଳାପ ରଚନା କରିଛନ୍ତି ଏବଂ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ପ୍ରେମ ଆନନ୍ଦ। ଏଥିରେ ସମ୍ମିତଙ୍କ ଅପୋଜିଟ୍‌ରେ ସ୍କ୍ରିନ୍ ଶେୟାର କରିଛନ୍ତି ପୁନମ ମିଶ୍ର। ଅନ୍ୟପକ୍ଷରେ ମିହିର ଦାସ, ପ୍ରିୟଙ୍କା ମହାପାତ୍ର, ସମରେଶ ରାଉତରାୟ ଏବଂ ସିଦ୍ଧାନ୍ତ ମହାପାତ୍ରଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିବ। ଫିଲ୍ମ ବିଷୟରେ ସମ୍ମିତ କହନ୍ତି, 'ଯୁବ ପିଢ଼ିଙ୍କୁ ଦୃଷ୍ଟିରେ ରଖି ଏକ ଭିନ୍ନ ଧରଣର କାହାଣୀ ଚୟନ କରାଯାଇଛି। ମୋଟ ଉପରେ କହିବାକୁ ଗଲେ ପ୍ରେମକୁ ନେଇ ଏକ ନୂଆ ଏକ୍ସପେରିମେଣ୍ଟ କରିଛନ୍ତି ନିର୍ଦ୍ଦେଶକ ଏସ.କେ.ମୁରଲୀଧରନ୍।' ଫିଲ୍ମର ଶୁଟିଂ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ କେବଳ କେତୋଟି କ୍ଲାଇମାକ୍ସ ଏବଂ ଗୀତର ଶୁଟିଂ ବାକି ଅଛି ବୋଲି ସୂଚନା ଦେଇଛନ୍ତି ସମ୍ମିତ।

# ବାଜି ମାରିଲେ ଆଲିୟା

ସତରେ ଯାକୁ ହିଁ କହନ୍ତି ହାତୀ ମୁଣ୍ଡରେ ସୁନା କଳସ ଢାଳିବା। ଦେଖୁନାହାନ୍ତି, ତାଙ୍କର ନାମ ତାଲିକାରେ ନ ଥିଲା। ଯେଉଁମାନଙ୍କୁ ଏଥିରେ ସାମିଲ କରାଯାଇଥିଲା ଶେଷକୁ ସେମାନଙ୍କ ମଧ୍ୟରୁ ଜଣେ ହେଲେ ଭୂମିକାଟି ପାଇଁ ସିଲେକ୍ଟ ହୋଇପାରି ନ ଥିଲେ। ଶେଷରେ ପୂଜା ବେଦୀଙ୍କ ଝିଅ ଆଲିୟା ଫର୍ନିଚରୱାଲାଙ୍କ ନାମ ବିଚାରକୁ ନିଆଯାଇଥିଲା। ଯେତେବେଳେ ଏକଥା ଆଲୋଚନା ହେଲା ସେତେବେଳେ ଫିଲ୍ମର ନାୟକ ସୈଫ ଅଲ୍ଲୀ ଖାଁ ହିଁ ତାଙ୍କ ନାମକୁ ପ୍ରପୋଜ କରିଥିଲେ। ବାସ୍, ତା'ପରେ ନାୟିକା ମିଶନକୁ ଆଉ ଆଗକୁ ନ ବଢ଼ାଇ ଆଲିୟାଙ୍କୁ ଗ୍ରୀନ୍ ସିଗନାଲ ଦେଖାଇଥିଲେ ନିର୍ଦ୍ଦେଶକ ନୀତିନ କକ୍କର। କଥା କ'ଣ କି ବାପା-ଝିଅର କାହାଣୀକୁ ନେଇ ନିର୍ମିତ ହେବାକୁ ଯାଉଥିବା 'ଜୱାନୀ ଜାନେମନ୍' ରେ ସୈଫ ଜଣେ ମଧ୍ୟ ବୟସ୍କ ବାପା ଭୂମିକାରେ ଅଭିନୟ କରିବାକୁ ଯାଉଛନ୍ତି। ପରିସ୍ଥିତିରେ ପଡି ସେ ଆଉ ଥରେ ବିବାହ କରୁଛନ୍ତି। ବାସ୍, ତା'ପରେ ବାପା-ଝିଅ ଭିତରେ ଥିବା ସମ୍ପର୍କ କ'ଣ ହେଉଛି ତାହାକୁ ନେଇ ଫିଲ୍ମ ପ୍ରସ୍ତୁତ ହେବାକୁ ଯାଉଛି। ଏଥିରେ ସୈଫଙ୍କ ଝିଅ ଭୂମିକାରେ ଅଭିନୟ କରିବେ ଆଲିୟା। ଖାସ୍ କଥା ହେଲା, ଏହି ଫିଲ୍ମରୁ ଆଲିୟା ନିଜର ବଲିଉଡ୍ କ୍ୟାରିୟର ଆରମ୍ଭ କରୁଛନ୍ତି।



ଆଲିୟା ଫର୍ନିଚରୱାଲା



# ଅମାୟରାଙ୍କ ବାଇକ୍ ଚଢ଼ା

ଓହୋ କି ବେଳା ପଡିଲା, ଜୀବନରେ ଯାହା କେବେ କରି ନ ଥିଲା ତା'କୁ ଯେମିତି ହେଲେ କରିବାକୁ ପଡିବ। ଅର୍ଥାତ୍, ସେ କେବେ ବାଇକ୍ ଚଲାଇ ନ ଥିଲେ। ହେଲେ ଯେହେତୁ ଏପରି ସିକୁଏନ୍ସ ରହିଛି ତେଣୁ ଯେମିତି ହେଉ ନା କାହିଁକି ବାଇକ୍ ଶିଖିବାକୁ ପଡିବ। ତେଣୁ ଏଥିପାଇଁ ପୂରାଦମ୍‌ରେ ଲାଗିପଡିଛନ୍ତି। ସେ ହେଲେ ଅମାୟରା ଦସ୍ତୁର। ଏକ ମର୍ଡର ମିଷ୍ଟ୍ରି କାହାଣୀକୁ ନେଇ ପ୍ରସ୍ତୁତ ହିନ୍ଦୀ ସିନେମା 'କୋଇ ଜାନେନା'ରେ ତାଙ୍କୁ ମିଳିଛି ଏପରି ଏକ ଭୂମିକା। ଏଥିରେ ତାଙ୍କୁ ଯେମିତି ହେଉ ବାଇକ୍ ଚଳାଇବାକୁ ପଡିବ ଶୁଣିବା ପରେ ଅଡୁଆରେ ପଡିଯାଇଥିଲେ ସେ। ଏ ସମ୍ପର୍କରେ ଅମାୟରା କହନ୍ତି, 'ବମ୍ବେ ପରି ଗହଳି ସହରରେ ମୋତେ ବାଇକ୍ ଚଳାଇବାକୁ ମା' ସବୁବେଳେ ମନା କରିଥାଆନ୍ତି। ହେଲେ ଯେତେବେଳେ ସେ ଜାଣିଲେ ଯେ ମୋତେ ଯେମିତି ହେଉ ନା କାହିଁକି ବାଇକ୍ ଶିଖିବାକୁ ପଡିବ ସେ ତାହା ହୃଦୟଙ୍ଗମ କରିଥିଲେ। ଏବେ ମୁଁ ଲେଟ୍ ନାଇଟ୍‌ରେ ଜଣେ ଟ୍ରେନ୍‌ରଙ୍କ ସହାୟତାରେ ବାଇକ୍ ଶିଖୁଛି। ଯଦିଓ ପ୍ରଥମେ ପ୍ରଥମେ ଟିକେ ଅଡୁଆ ଲାଗୁଥିଲା, ହେଲେ ଧୀରେ ଧୀରେ ସେହି ଭୟ ମନରୁ ଅପସରି ଯାଉଛି।' ଏହି ଫିଲ୍ମ ବ୍ୟତୀତ ତାଙ୍କ ହାତରେ ଏବେ ତିନୋଟି ଫିଲ୍ମ 'ମେଣ୍ଟାଲ ହୈ କ୍ୟା', 'ମେଡ୍ ଇନ୍ ଚାଇନା' ଓ 'ସୂର୍ଯ୍ୟବଂଶୀ' ରହିଛି।

# ଫୁଲେଇ ନୁହେଁ ସେ ଭାରି ଚତୁରୀ, ଇସାରାରେ କଲା ହୃଦୟ ଚୋରି

**ପ୍ରଶ୍ନ**–ସେହି ସୁନ୍ଦରୀର ଇସାରାରେ ମୁଁ ପାଗଳ। କେତେବେଳେ ସେ ମୋ ମନ ଚୋରି କରିନେଲା ମୁଁ ଜାଣିପାରିଲି ନାହିଁ। ଏମିତି କେମିତି ହେଲା ?

*–ଅମିତ୍ କୁମାର, ରାଉରକେଲା*

**ଉତ୍ତର:** ପ୍ରେମର ନିଶା ଭାରି ଗାଢ଼। ଏହି ନିଶା ଯେତେବେଳେ ମୁଣ୍ଡକୁ ଚଢ଼ିଯାଏ ସେତେବେଳେ ଚାରିଆଡ଼ ପ୍ରେମମୟ ଦେଖାଯାଏ। ବାକି ରହିଲା ଆପଣଙ୍କ କଥା। ଯେଉଁ ଇସାରା ଆପଣଙ୍କ ମନକୁ ଚୋରି କରିନେଲା ତାକୁ ଯଦି ଟିକେ ମଗଜ ଖଟାଇ ପଢ଼ିପାରିଥାଆନ୍ତେ ତେବେ ଏପରି ପ୍ରଶ୍ନ ଆପଣଙ୍କ ମନକୁ ଆସି ନ ଥାନ୍ତା। କାରଣ 'ଫୁଲେଇ ନୁହେଁ ସେ ଭାରି ଚାତୁରୀ, ଇସାରାରେ କଲା ହୃଦୟ ଚୋରି।' ହୃଦୟ ତ ଚୋରି ହୋଇସାରିଲାଣି। ଏବେ ତାହା କେମିତି ହେଲା ନ ଭାବି, ଆଗକୁ କେମିତି ଗାଡ଼ି ଗଡିବ ସେ କଥା ଚିନ୍ତା କରନ୍ତୁ। ହେଲେ ଜୋସ୍‌ରେ ଯେମିତି ହୋସ୍ ନ ହରାନ୍ତି !

**ପ୍ରଶ୍ନ**–ମୋ ପ୍ରେମିକାକୁ ଥରେ ମୁଁ ଏତେ ପ୍ରଶଂସା କଲି ଯେ ସେ ଚିଡ଼ିଗଲା। ଏବେ ତାକୁ ପ୍ରଶଂସା କଲେ ସେ ମୁହଁପୋତି ବସୁଛି। କ'ଣ କରିବି ?

*–ପ୍ରଫୁଲ୍ଲ ସାହୁ, ନୟାଗଡ଼*

**ଉତ୍ତର:** ଅତି ଲେମ୍ବୁ ଚିପୁଡ଼ିଲେ ପିତା। ପ୍ରଶଂସାଟି ଯଦି ଅତି ହୋଇଗଲା, ତେବେ ତାହା ମିଠା ଲାଗିବ କ'ଣ ଅନେକଙ୍କୁ ପିତା ଲାଗିଥାଏ। କାରଣ କେତେକେ ପ୍ରଶଂସା କରିବା ସମୟରେ ଆବଶ୍ୟକଠାରୁ ଅଧିକ ମାଡ଼ିଯାଇଥାଆନ୍ତି। ବାସ୍, ଆପଣଙ୍କ ପ୍ରେମିକାକୁ ପ୍ରଶଂସା କରିବା ବେଳେ ଏଇୟା ହିଁ ଘଟିଛି। ତେଣୁ ଦେଖିଚାହିଁ ତେଲ ମାରନ୍ତୁ। ନ ହେଲେ ତେଲିଆ ପ୍ରେମିକ ଆଖ୍ୟା ପାଇବାକୁ ବେଶି ଡେରି ହେବନାହିଁ।

**ପ୍ରଶ୍ନ**–ଥରେ ଜଣେ ଝିଅ ମୋତେ ଚାହିଁଦେଲା। ମୁଁ ହସିଦେଲି, ସେ ବି ହସିଦେଲା। ଏମିତି ୩–୪ ମାସ କଟିଗଲା। ଏବେ ସେ ମୋତେ ଦେଖିଲେ ହସୁଛି, ହେଲେ ମୋତେ ସେ ଭଲ ପାଉଛି ବୋଲି କେମିତି ଜାଣିବି ?

*–ପ୍ରଦୀପ, ପାରାଦୀପ*

**ଉତ୍ତର:** ଆପଣଙ୍କ ପ୍ରଶ୍ନରୁ ଯାହା ଜଣାପଡୁଛି, ଆପଣଙ୍କ ମନକଥା ନିଜ ଭିତରେ ସାଇତା ହୋଇ ରହିଛି। ଦେଖୁନାହାନ୍ତି, ସେଇ ଝିଅଟି ହସିଦେଲା ବୋଲି ଆପଣ ହସିଦେଲେ। ଆଉ ଏମିତି ହସାହସିରେ ୩–୪ ମାସ କଟିଗଲାଣି, ହେଲେ ମଞ୍ଜି କଥା କେହି କାହାକୁ କହୁନାହାନ୍ତି। ଏଣିକି ଟିକେ ବାସ୍ତବତାକୁ ଆସି ମନକଥା ପରସ୍ପରକୁ କୁହନ୍ତୁ। ନ ହେଲେ ଆପଣଙ୍କ ପ୍ରେମ ସେମିତି ସ୍ୱପ୍ନ ହୋଇ ରହିଯିବ।

**ପ୍ରଶ୍ନ**–ମୋ ପ୍ରେମର ଆରମ୍ଭ ଲୁହରୁ ହୋଇଥିଲା। କାରଣ ପ୍ରଥମେ ଯାହାକୁ ପ୍ରପୋଜ କରିଥିଲି ସେ ମନା କରିଦେଲା। ତା'ପରେ ଆଉ ପ୍ରେମ କରିବାକୁ ସାହସ ହେଉନାହିଁ।

*–ଜିତେନ୍ଦ୍ର, ପୁରୀ*

**ଉତ୍ତର:** ପ୍ରେମ କରିବାକୁ ମନ କୁତୁକୁତୁ ହେଉଛି। ହେଲେ ଗୋଟିଏ ଝଟକାରେ ଏମିତି ଭାଙ୍ଗିପଡିଲେ ଚଳିବ ? ଯାହା ଘଟିଗଲା ତାକୁ ଅତୀତ ଭାବି ଭୁଲିଯାଆନ୍ତୁ। ପ୍ରେମରେ ସବୁବେଳେ ଆଗକୁ ଅନାନ୍ତୁ। ତେବେ ଆପଣଙ୍କ ଆଶା ପୂରଣ ହେବ। ନ ହେଲେ ସେହି ବିରହ ପ୍ରେମକୁ ଭାବି ଭାବି ଆପଣ ଏମିତି ଆଖିରୁ ଲୁହ ଗଡ଼ାଉଥିବେ।

ସାଥୀ



**ପ୍ରଥମ ରୋଜଗାର**

କ୍ଷୁଦ୍ର ଚଳଚ୍ଚିତ୍ର ତଥା ମ୍ୟୁଜିକ୍ ଭିଡିଓ ନିର୍ଦ୍ଦେଶକ **ନିବେଦନ ସେଠୀ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...



# ରୋଜଗାର ଟଙ୍କାରେ ଭୋଗ କରିଥିଲି

ଜଗତ୍‌ସିଂହପୁର ଜିଲା ରାହାମାରେ ମୋର ଜନ୍ମ। ବାପା ରମେଶ ସେଠୀ ଓ ମା' କ୍ଷେତ୍ରମଣି ସେଠୀଙ୍କର ମୁଁ ହେଉଛି ଏକମାତ୍ର ପୁଅ, ଆଉ ମୋ ତଳକୁ ଅଛି ଗୋଟିଏ ସାନଭଉଣୀ। ସାଇଲୋ ଉଚ୍ଚ ବିଦ୍ୟାଳୟରୁ ୨୦୧୦ରେ ମାଟ୍ରିକ୍ ପାସ୍ କରିବା ପରେ ସାରଳା ମହାବିଦ୍ୟାଳୟରେ ଯୁକ୍ତ୨ କଳା ପଢିଥିଲି। ତା'ପରେ ମେକାନିକାଲ ଇଂଜିନିୟରିଂରେ ଡିପ୍ଲୋମା ସାରି ବି.ଟେକ୍ କଲି। ଆଉ ଏବେ ଏମ୍‌ବିଏ ପଢୁଛି। ପଢ଼ା ବ୍ୟତୀତ ନିର୍ଦ୍ଦେଶନା କ୍ଷେତ୍ରରେ ନାଁ କରିବାକୁ ବର୍ତ୍ତମାନ ଚେଷ୍ଟା ମୋର ଜୋର୍‌ସୋର୍‌ରେ ଚାଲିଛି। ହେଲେ ପିଲାଦିନେ ମୋ ଲକ୍ଷ୍ୟ କିଛି ଭିନ୍ନ ଥିଲା। ସେତେବେଳେ ଅଭିନୟ କରିବାକୁ ଭଲ ପାଇ ବସିଥିଲି। ଅଭିନୟର ନିଶା ଏମିତି ଘାରିଥିଲା ଯେ, ଅନେକଥର ସ୍କୁଲ୍ ଅଧାରୁ ଚାଲି ଆସି ବାଡ଼ି ଖଣ୍ଡେ ଧରି କିଛିନା କିଛି ଅଭିନୟରେ ମାତି ଯାଉଥିଲି। ସ୍କୁଲ୍ ଫଙ୍କଶନ୍‌ରେ ବି ବହୁତଥର ଅଭିନୟ କରିବାର ସୁଯୋଗ ପାଇଥିଲି। ଦଶମ ପରେ କଲେଜ ପଢ଼ା ସାଙ୍ଗକୁ କଟକସ୍ଥିତ 'ଦ ଥିଏଟର'ରେ ଯୋଗଦେଇ ବହୁ ମଞ୍ଚ ନାଟକରେ ଅଭିନୟ ମଧ୍ୟ କରିଥିଲି। ଥରେ 'ଦ ଥିଏଟର' ତରଫରୁ 'ବାବୁ ଦ ରିୟଲ୍ ହିରୋ' ନାମକ ଏକ ମଞ୍ଚ ନାଟକ ପରିବେଷଣ ପାଇଁ ମୋତେ ଭବାନୀପାଟଣା ଯିବାର ସୁଯୋଗ ମିଳିଲା। ସେଠାରେ ମୁଁ ୫୦୦ ଟଙ୍କା ପୁରସ୍କାର ବି ପାଇଥିଲି, ଯାହା ଥିଲା ମୋ ଜୀବନର ପ୍ରଥମ ରୋଜଗାର। ଏହି ଟଙ୍କାରୁ କିଛି ନେଇ ଠାକୁରଙ୍କ ପାଖେ ଭୋଗ କରିଥିଲି। ଆଉ ଯାହା ବଳିଲା ସେଥିରେ ମମିଙ୍କଠାରୁ ଆଣିଥିବା କିଛି ଟଙ୍କା ମିଶାଇ ନିଜ ପାଇଁ ଗୋଟେ ଟି–ଶାର୍ଟ ଓ ପ୍ୟାଣ୍ଟ କିଣିଥିଲି। ଏମିତି କିଛିଦିନ ମଞ୍ଚ ନାଟକ କରିବା ପରେ ମୋତେ ଏକ ସାଇ ଭଜନରେ ଅଭିନୟ କରିବାର ସୁଯୋଗ ମିଳିଲା। କିନ୍ତୁ ଦୁର୍ଭାଗ୍ୟ କୌଣସି କାରଣବଶତଃ ତାହା ମଧ୍ୟ ଅଧା ଶୁଟିଂରେ ବନ୍ଦ ହୋଇଗଲା। ଯାହା କି ମୋତେ ସେତେବେଳେ ବହୁତ କଷ୍ଟ ଦେଇଥିଲା। ତା'ପରେ ଚିନ୍ତା କଲି ନିଜେ ନିର୍ଦ୍ଦେଶନା ଦେଇ କେମିତି ସେହି ସାଇ ଭଜନକୁ ରିଲିଜ୍ କରାଇବି। ବହୁ ପରିଶ୍ରମ କରି ଶେଷରେ ସେହି ସାଇ ଭଜନଟିକୁ ରିଲିଜ୍ କରାଇଲି। ଏହାପରେ ଆଖିଦୃଶିଆ ଅଭିନୟର ଆଉ ସୁଯୋଗ ମିଳିଲା ନାହିଁ। ତେଣୁ ନିର୍ଦ୍ଦେଶନା କ୍ଷେତ୍ରରେ କ୍ୟାରିୟର କରିବାକୁ ଚିନ୍ତା କରି ମୁମ୍ବାଇ ଯାଇ ଗୋଟିଏ କୋର୍ସ କଲି। ପଢ଼ା ସରିବା ପରେ 'ବଡ଼ ଘର ବଡ଼ ଗୁମର କଥା' ନାମକ ଏକ ଧାରାବାହିକରେ ସହ–ନିର୍ଦ୍ଦେଶନା ଦେଲି। ବାସ୍ ତା'ପରେ ମୋତେ ଗୋଟିଏ ପରେ ଗୋଟିଏ ଧାରାବାହିକରେ ସହ–ନିର୍ଦ୍ଦେଶନାର ଦାୟିତ୍ୱ ମିଳି ଚାଲିଲା। ତା'ସାଙ୍ଗକୁ ନିଜ ନିର୍ଦ୍ଦେଶନାରେ କେତୋଟି ମ୍ୟୁଜିକ୍ ଭିଡ଼ିଓ ବି କଲି। 'ୟୁ ଲଭ୍ ମି' ଥିଲା ମୋ ନିର୍ଦ୍ଦେଶିତ ପ୍ରଥମ ମ୍ୟୁଜିକ୍ ଭିଡ଼ିଓ। ସେହିପରି ଓଡ଼ିଆ ଚଳଚ୍ଚିତ୍ର 'ମୁଁ ଗାନ୍ଧୀ ନୁହେଁ', 'ଲୈଲା ଓ ଲୈଲା' ପରି ପ୍ରାୟ ୪/୫ଟି ସିନେମାରେ ସହ–ନିର୍ଦ୍ଦେଶନା ଦେଇସାରିଲିଣି। ଏସବୁ ବ୍ୟତୀତ ମୋ ନିର୍ଦ୍ଦେଶନାରେ ପ୍ରାୟ ୧୭/୧୮ଟି କ୍ଷୁଦ୍ର ଚଳଚ୍ଚିତ୍ର ମଧ୍ୟ ରିଲିଜ୍ ହୋଇସାରିଲାଣି। ଯେମିତି କି: ଅଟୋବାଲା, ପାଗେଳି, ମୁଁ ପାଠ ପଢିବି, ପ୍ରେମର ଡାଏରୀ ଇତ୍ୟାଦି ଅନ୍ୟତମ। ଶେଷରେ କେବଳ ଏତିକି କହିବି, ଆଗକୁ ନିଜ ନିର୍ଦ୍ଦେଶନାରେ ମୁଁ ଏକ ଓଡ଼ିଆ ଚଳଚ୍ଚିତ୍ର ପ୍ରସ୍ତୁତ କରିବାକୁ ସ୍ୱପ୍ନ ଦେଖୁଛି। ଆଉ ଭଗବାନଙ୍କୁ ଡାକୁଛି, ଏଥିରେ ମୋତେ ଯେମିତି ସଫଳତା ହିଁ ମିଳୁ।

*–ଅନ୍ୱିତା*

# ସାକ୍ଷୀଗୋପାଳର ପ୍ରସିଦ୍ଧ
# ଖାଇଫୋଡ଼ ଯାତ୍ରା

*ଆଧୁନିକ ଚିକିତ୍ସା ସୁବିଧା ନ ଥିବା ସମୟରେ କିଛି ଲୋକ ଝଡ଼ାଫୁଙ୍କା, ଜଡ଼ିବୁଟି ଓ ଗାଁ ବଇଦଙ୍କ ପରାମର୍ଶ ଉପରେ ନିର୍ଭର କରିବା ସହିତ ଦେବଦେବୀଙ୍କ ଉପରେ ବି ରଖୁଥିଲେ ଆଶା ଭରସା। ବିପଦ ଆପଦରୁ ରକ୍ଷା ପାଇବା ହେଉ କି ମନସ୍କାମନା ପୂରଣ ପାଇଁ ସେମାନେ କରୁଥିବା ପୂଜା, ବ୍ରତ, ଉପାସନା କ୍ରମେ ପରମ୍ପରା ପାଲଟିଗଲା। ସେମିତି ଏକ ନିଆରା ପରମ୍ପରା ହେଲା ଖାଇଫୋଡ଼ ଯାତ୍ରା...*





ପୁରୀ ଜିଲା ସାକ୍ଷୀଗୋପାଳ ଅଞ୍ଚଳର ଦାଶବିଦ୍ୟାଧରପୁର ଗ୍ରାମର ବଡ଼ପୋଖରୀକୁ ଲାଗି ରହିଥିବା ନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିର ଓ ସେଠାରୁ ଅନତିଦୂରରେ ଥିବା ଭୀମପୁର ଗ୍ରାମର ଆରାଧ୍ୟା ମା'ଗଡ଼ଚଣ୍ଡୀଙ୍କ ମନ୍ଦିର ନିକଟରେ ପ୍ରତିବର୍ଷ ମହାବିଷୁବ ସଂକ୍ରାନ୍ତି ଦିନ ମଧ୍ୟାହ୍ନରେ ଏହି ଖାଇଫୋଡ଼ ଯାତ୍ରା ଅନୁଷ୍ଠିତ ହୋଇଥାଏ। ହଜାରେ ବର୍ଷରୁ ଊର୍ଦ୍ଧ୍ୱ ହେବ ପାଳିତ ହୋଇଆସୁଥିବା ଏହି ଯାତ୍ରାରେ ଦାଶବିଦ୍ୟାଧରପୁର ଓ ଭୀମପୁର ସମେତ ପଡ଼ାଗ୍ରାମଗୁଡିକ ବି ଉତ୍ସବମୁଖର ହୋଇଉଠେ। ସମ୍ପୂର୍ଣ୍ଣ ନିଷ୍ଠା ଓ କାଷ୍ଠାର ସହ ଆଖପାଖ ଗ୍ରାମର ଶହ ଶହ ପାଟୁଆ ପିଢ଼ି ପରେ ପିଢ଼ି ଏହି ପରମ୍ପରାରେ ସାମିଲ ହୋଇ ଆସୁଛନ୍ତି। ମହାବିଷୁବ ସଂକ୍ରାନ୍ତି ଅବସରରେ ପାଟୁଆମାନେ ପିଠିରେ ବଡ ବଡ ବାଙ୍କକଣ୍ଟା ଫୁଟାଇ ପ୍ରାୟ ୨୨ ହାତ ଲମ୍ବ ଖାଇ ଦଣ୍ଡରୁ ତଳକୁ ଝୁଲି ଘେରାକୁ ଘେରା ଚକ୍ରକାଟି ବୁଲିବାର ଦୃଶ୍ୟ ବେଶ୍ ଆଶ୍ଚର୍ଯ୍ୟ ଓ ବିପଜ୍ଜନକ। କଷ୍ଟକର ହୋଇଥିଲେ ବି ମାନସିକ ପୂରଣ ପାଇଁ ଏହି ସାଧନା ଦେବୀଙ୍କ କୃପାରୁ ନିର୍ବିଘ୍ନରେ କରାଯାଉଛି ବୋଲି ପାଟୁଆମାନେ କହିଥାନ୍ତି। ଏହି ଯାତ୍ରାର ପ୍ରମୁଖଦେବୀ ଭାବେ ଦାଶବିଦ୍ୟାଧରପୁର ଗ୍ରାମର ବିନ୍ଧ୍ୟବାସିନୀ ଓ ଭୀମପୁର ଗ୍ରାମର ମା'ଗଡ଼ଚଣ୍ଡୀ ଅଗ୍ରପୂଜ୍ୟା। ଏହାବ୍ୟତୀତ ସେଠୀସାହି, ଭୋଇସାହି, ହରିପୁର ମା'ମଙ୍ଗଳା, ମା'ଦୁଲ୍ଲଣା ଓ ପଞ୍ଚମୁହିଁ ଠାକୁରାଣୀଙ୍କୁ ବି ପୂଜା କରାଯାଇଥାଏ। ସେହିପରି ଭୀମପୁର ମା'ଗଡ଼ଚଣ୍ଡୀଙ୍କ ସହିତ ବସନ୍ତେଇ, ମଙ୍ଗଳା, ଛୋଟା ଗୋସେଇଁ ଓ ବାଟମଙ୍ଗଳାଙ୍କ ପୂଜାର୍ଚ୍ଚନା ବି ଏଠାରେ କରାଯାଇଥାଏ। ଏହି ଦେବୀମାନଙ୍କର କାଳିଶି ଘଣ୍ଟ, ଢୋଲ, ମହୁରି ବାଦ୍ୟର ତାଳେ ତାଳେ ଉଭା ହୋଇ ଖାଇଫୋଡ ଯାତ୍ରାରେ ସାମିଲ ହୋଇଥାନ୍ତି। ତେବେ ଏହି ଯାତ୍ରା ବେଶ୍ ପ୍ରସିଦ୍ଧ ହୋଇଥିବାରୁ ମହାବିଷୁବ ସଂକ୍ରାନ୍ତି ଦିନ ଏଠାରେ ଶ୍ରଦ୍ଧାଳୁଙ୍କ ବେଶ୍ ଭିଡ଼ ପରିଲକ୍ଷିତ ହୋଇଥାଏ।



**କେମିତି ପାଳିତ ହୁଏ:** ମହାବିଷୁବ ସଂକ୍ରାନ୍ତି ଦିନ ଭୋର୍‌ରୁ ମା'ଗଡ଼ଚଣ୍ଡୀଙ୍କୁ ମାଜଣା କରି ନୂତନବସ୍ତ୍ର, ସିନ୍ଦୂର, ଚନ୍ଦନ, କଜ୍ଜଳ, ଫୁଲମାଳ, ଅଳଙ୍କାର, ଟାହିଆ ଆଦି ପିନ୍ଧାଯିବା ସହ ଦୀପ, ଧୂପ ଓ ଅଧରପଣା ଅର୍ପଣ କରାଯାଇଥାଏ। ତା'ପରେ ପାଟୁଆମାନେ ମନ୍ଦିରକୁ ଆସନ୍ତି। ଦେବୀଙ୍କ ଆଶିଷ ନେଇ ପାଟୁଆମାନେ ଏକ ଶୋଭାଯାତ୍ରାରେ ନିକଟସ୍ଥ ଲଳିତା ପୋଖରୀକୁ ଯାଆନ୍ତି। ପୋଖରୀ ଭିତରେ ଅଭିଜ୍ଞ ପାଟୁଆମାନେ ମାନସିକଧାରୀ ପାଟୁଆମାନଙ୍କ ପିଠିର ତଳକୁ ଚମଡାରେ କଣ୍ଟା ଫୋଡନ୍ତି। କଣ୍ଟାର ଗୋଟିଏ ମୁଣ୍ଡରେ ଶକ୍ତ ରଶି ବନ୍ଧାଯାଇଥାଏ। ସେହି ରଶିକୁ ଖାଇରେ ବନ୍ଧାଯିବା ପରେ ପାଟୁଆମାନେ ଖାଇରେ ତଳମୁହାଁ ହୋଇ ବୁଲିଥାନ୍ତି। ଖାଇଫୋଡ ଶେଷ ହେବାପରେ ପାଟୁଆମାନେ ସାଙ୍ଗରେ ନେଇଥିବା କୋଳି, ତାଳ, ନଡିଆ, ପଇଡ, ଆମ୍ବ ଆଦି ଦେବୀଙ୍କୁ ଅର୍ପଣ କରିବା ପରେ ଗ୍ରାମ ପରିକ୍ରମା କରିଥାନ୍ତି। ତା'ପରେ ପଇଡପାଣି ଓ ହଳଦୀ ପାଣିରେ କଣ୍ଟା ଧୋଇବା ପରେ ପିଠିରୁ କଣ୍ଟା ବାହାର କରନ୍ତି। ଆଗାମୀ ବର୍ଷ ନିମନ୍ତେ ପୁଣି ସେହି କଣ୍ଟାଗୁଡ଼ିକୁ ସେମାନେ ସାଇତି ରଖିଥାନ୍ତି। ଏ ନେଇ ଭୀମପୁର ଗ୍ରାମର ୭୦ ବର୍ଷ ବୟସ୍କ ବନମାଳୀ ମହାରଣା କୁହନ୍ତି, ମୁଁ ଏହି ଯାତ୍ରାରେ ଅନେକ ଥର କଣ୍ଟା ଫୋଡାଇଛି। ତେବେ ଖାଇଫୋଡରେ ଦୁଇ ପ୍ରକାର ପାଟୁଆ ଭାଗ ନିଅନ୍ତି, ଯଥା: ସୂର୍ଯ୍ୟ ପାଟୁଆ ଓ ଉକୁଟା ପାଟୁଆ। ସୂର୍ଯ୍ୟ ପାଟୁଆମାନଙ୍କୁ ଯାତ୍ରାଦିନ ସକାଳ ୧୦ଟା ସମୟରେ କଣ୍ଟାଫୋଡା ଯାଉଥିବାବେଳେ ଉକୁଟା ପାଟୁଆମାନଙ୍କୁ ଦିନ ୨ଟାରେ କଣ୍ଟାଫୋଡା ଯାଇଥାଏ। ତେବେ ସୂର୍ଯ୍ୟ ପାଟୁଆଙ୍କ ପିଠିରେ ଏକକାଳୀନ ୨ଟି କଣ୍ଟା ଫୋଡା ଯାଉଥିବାବେଳେ ଉକୁଟା ପାଟୁଆଙ୍କ ପିଠିରେ ୪ଟି କଣ୍ଟା ଫୋଡାଯାଇଥାଏ। କିନ୍ତୁ କେବଳ ଉକୁଟା ପାଟୁଆମାନେ ହିଁ ଖାଇରେ ବୁଲନ୍ତି। ସେହିପରି ଦେବୀଙ୍କ କୃପାରୁ ଜନ୍ମ ଲଭିଥିବା କୁନି କୁନି ପିଲାମାନଙ୍କୁ ଏହି ଉକୁଟା ପାଟୁଆମାନେ ଖାଇରେ ବୁଲିବାବେଳେ କୋଳରେ ଧରି ବୁଲାଇଥାଆନ୍ତି। ତେବେ ଯେତେ ପାଟୁଆ କଣ୍ଟା ଫୋଡାଇବା ପାଇଁ ମାନସିକ କରିଥାନ୍ତି ସମସ୍ତେ ମାସାନ୍ତ ରାତିରେ ନିଜ ନିଜ ଦେବୀଙ୍କ ମନ୍ଦିର ନିକଟରେ ଉପସ୍ଥିତ ହୋଇଥାନ୍ତି। ସେଠାରେ ଦେବୀଙ୍କର ପୂଜାର୍ଚ୍ଚନା ପରେ ବଳିତାରେ ଦେବୀଙ୍କୁ ଝୁଣା ଆଳତି ଅର୍ପଣ କରାଯାଏ। ତା'ପରେ ପ୍ରତ୍ୟେକ ପାଟୁଆଙ୍କର କଣ୍ଟାଫୋଡା ଯାଉଥିବା ସ୍ଥାନରେ ସେହି ଝୁଣା ଆଳତିର ନିଆଁମାଡ କରାଯାଇଥାଏ। ତା'ପରଦିନ ଯଥାରୀତି ଅନୁସାରେ ସେମାନଙ୍କୁ କଣ୍ଟାଫୋଡା ଯାଇଥାଏ ବୋଲି ସେ କୁହନ୍ତି।





**ନୀତିନିୟମ:** ଖାଇଫୋଡ଼ ଯାତ୍ରା ପାଇଁ ସ୍ୱତନ୍ତ୍ର ନୀତିନିୟମ ରହିଛି। ଯେମିତିକି ଚୈତ୍ର ମାସ ପ୍ରାରମ୍ଭରୁ ପବିତ୍ରତାର ସହିତ ମାନସିକଧାରୀ ପାଟୁଆମାନେ ନିରାମିଷ ଭୋଜନ କରିବା, ଅଲଗା ବିଛଣାରେ ଶୋଇବା, ସଂକ୍ରାନ୍ତି ପୂର୍ବରୁ କଳସରେ ପାଣିତୋଳିବା, ପ୍ରତି ମଙ୍ଗଳବାର ଦିନ ମଧ୍ୟାହ୍ନରେ କଣ୍ଟାପୂଜା(ଖାଇଫୋଡ ପାଇଁ ବ୍ୟବହୃତ ହେଉଥିବା କଣ୍ଟା) କରିବା ସହିତ ମାସେ ପର୍ଯ୍ୟନ୍ତ ଘରଛାଡ଼ି ସେମାନେ ଅନ୍ୟତ୍ର କୁଆଡ଼େ ଯାଆନ୍ତି ନାହିଁ। କଣ୍ଟାପୂଜା ପାଇଁ ଚୈତ୍ର ମାସର ପ୍ରତି ମଙ୍ଗଳବାର ପରିବାରର ମହିଳାମାନେ ସ୍ୱତନ୍ତ୍ର ଭାବେ ଦେବୀଙ୍କର ପ୍ରିୟ ଉଷିଆଁ ବିରି, ଲିମ୍ବ ଚକୁଳି, ଖେଚୁଡି, ଡାଲ୍ମା, ପୋଡ଼ାମାଛ ବଳି, ଖିରି, ତରକାରି ଓ ଖଜୁରି ତାଡି ଇତ୍ୟାଦି ଭୋଗ ପ୍ରସ୍ତୁତ କରିଥାନ୍ତି। ତା'ପରେ ପାଟୁଆମାନେ ନିଜ ନିଜ ସାହିର ଦେବୀଙ୍କୁ ଘର ଅଗଣାରେ ନୈବେଦ୍ୟ ପ୍ରଦାନ କରି ଏହି କଣ୍ଟାପୂଜା କରିଥାନ୍ତି।



ସମୀର ବେହେରା



ବନମାଳୀ ମହାରଣା



ଦେବରାଜ ସେଠୀ



ନେତ୍ରା ଭୋଇ

**ଖାଇଫୋଡ଼ର ମହିମାକୁ ନେଇ ମତ:** ମା'ଦୁଲ୍ଲଣାଙ୍କ କାଳିଶି ୭୩ ବର୍ଷର ବୃଦ୍ଧ ନେତ୍ରା ଭୋଇଙ୍କୁ ୧୯୯୯ ବାତ୍ୟା ସମୟରେ ବସନ୍ତ ରୋଗ ହୋଇଥିଲା। କଷ୍ଟ ଲାଘବ ପାଇଁ ସେ ମା'ଦୁଲ୍ଲଣାଙ୍କୁ ଆଶ୍ରା କରିଥିଲେ। ସେତେବେଳେ ତାଙ୍କୁ ସ୍ୱପ୍ନାଦେଶ ହୋଇଥିଲା ଦେବୀଙ୍କ କାଳିଶି ହେବାକୁ। ଖାଇଫୋଡ ଆସିଲେ ଦେବୀ ତାଙ୍କ ଶରୀରରେ ଉଭା ହୁଅନ୍ତି। ସେଥିପାଇଁ ଯାତ୍ରାଦିନ ସିଏ ନୂତନ ବସ୍ତ୍ର ପରିଧାନ କରି ମୁଣ୍ଡରେ ଦେବୀଙ୍କ ସିନ୍ଦୂର ଲଗାଇବା ସହ ହାତରେ ବେତଧରି ପାଟୁଆମାନଙ୍କ ପାଖେପାଖେ ଉପସ୍ଥିତ ରହିଥାନ୍ତି ଆଉ ସେମାନଙ୍କ ମନରେ ସାହସ ଭରିଦିଅନ୍ତି ବୋଲି ମତ ଦେଇଛନ୍ତି ଏହି କାଳିଶି। ସେହିପରି ଦାଶବିଦ୍ୟାଧରପୁର ଗ୍ରାମର ୪୩ ବର୍ଷ ବୟସ୍କ ଦେବରାଜ ସେଠୀ କୁହନ୍ତି, ସେ ୧୮ ବର୍ଷ ବୟସରୁ ପ୍ରତିବର୍ଷ କଣ୍ଟା ଫୋଡାଇ ଖାଇରେ ବୁଲି ଆସୁଛନ୍ତି। କଣ୍ଟା ଫୋଡିବାଠାରୁ ଖାଇରେ ଝୁଲିବା ପର୍ଯ୍ୟନ୍ତ ତାଙ୍କୁ କିଛି ବି କଷ୍ଟ ଜଣାପଡି ନ ଥାଏ। ଏପରିକି ପିଠିରେ କଣ୍ଟା ଫୋଡାଯାଇ କ୍ଷତ ହୋଇଥିଲେ ମଧ୍ୟ କ୍ଷତରୁ ରକ୍ତ ବାହାରି ନ ଥାଏ। ଏସବୁ ମା'ଙ୍କର ହିଁ ମହିମା ବୋଲି ସେ ମତ ଦିଅନ୍ତି। ଅନ୍ୟପକ୍ଷେ ଚଳିତବର୍ଷ ନୂଆକରି ଖାଇଫୋଡରେ ସାମିଲ ହେବାକୁ ନିଜକୁ ପ୍ରସ୍ତୁତ କରୁଥିବା ସମୀର ବେହେରା ନାମକ ଜଣେ ବାଳକଙ୍କୁ କଣ୍ଟାଫୋଡାକୁ ନେଇ ଭୟ ଲାଗୁଛି କି ବୋଲି ପଚାରିବାରୁ ସେ କୁହନ୍ତି, ମାମୁଘର ଗାଁର ଏହି ଯାତ୍ରାରେ କଣ୍ଟା ଫୋଡାଇବାକୁ ତାଙ୍କ ପାଇଁ ତାଙ୍କ ମମି ପିଲାଦିନେ ମାନସିକ କରିଥିଲେ। ସେଥିପାଇଁ ସେ ନିଜକୁ ମାନସିକ ସ୍ତରରେ ଦୃଢ଼ କରିସାରିଲେଣି। ତା'ଛଡ଼ା ଅନେକ ବାଳକ ଫୋଡରେ ସାମିଲ ହେଉଛନ୍ତି। ସେମାନଙ୍କର କିଛି ଅସୁବିଧା ହେଉ ନ ଥିବାବେଳେ ଦେବୀଙ୍କ କୃପାରୁ ମୋର ମଧ୍ୟ କିଛି ହେବନି ବୋଲି ସେ ନିର୍ଭୟରେ କହିଛନ୍ତି।

*-କିଶୋର ମହାପାତ୍ର*

## ମଡେଲ ମିରର୍

**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



**କ୍ରିଷ୍ଣା**

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

**ଫଟୋ ସୌଜନ୍ୟ- କୁମାର ଶରତ, ଧରିତ୍ରୀ**

## ହାଃ ହାଃ

### ଫଟେଇ

ସ୍ତ୍ରୀ ସ୍ୱାମୀଙ୍କୁ- ହେଇଟି ଶୁଣୁଛ, ଗୋଟେ ପ୍ରଶ୍ନ ପଚାରିବି ?
ସ୍ୱାମୀ- ପଚାରୁନ।
ସ୍ତ୍ରୀ-ଏମିତି ଗୋଟେ ଜିନିଷର ନାଁ କୁହ, ଯାହାକୁ ତୁମେ ସବୁବେଳେ ଦେଖୁଛ। ହେଲେ ଫଟେଇ ପାରୁନ।
ସ୍ୱାମୀ-ତୁମ ମୁହଁ।

### ଦେଶ

ଶିକ୍ଷକ ମୁନାକୁ- କହିଲୁ ଦେଖି, ପୃଥିବୀରେ କେତୋଟି ଦେଶ ଅଛି ?
ମୁନା- ସାର୍, ମାତ୍ର ଗୋଟିଏ।
ଶିକ୍ଷକ- କ'ଣ ଗୋଟେ ?
ମୁନା- ହଁ, ସାର୍। ସେ ହେଉଛି ଭାରତ। ଆଉ ସବୁ ତ ବିଦେଶ ନା।


### କାନ୍ଦ

ସ୍କୁଲରୁ ଆଣିବାବେଳେ ପପୁ କାନ୍ଦୁଥାଏ। ଏହା ଦେଖି ବାପା- କାହିଁକି କାନ୍ଦୁଛୁ ? ସାର୍ ମାରିଲେ କି ?
ପପୁ- ହଁ।
ବାପା- କିଛି ବଦ୍‌ମାସୀ କରିଥିବୁ।
ପପୁ- ନା ବାପା ମୁଁ ତ ଚୁପ୍‌ଚାପ୍ ଶୋଇଥିଲି।

# ଆଖଣ୍ଡଳମଣି ପୀଠ







**ପ୍ରଭୁଙ୍କ ଆବିର୍ଭାବ:** କୁହାଯାଏ, ଆଜକୁ ପ୍ରାୟ ୭୦୦ ବର୍ଷ ପୂର୍ବେ ଏଠାରେ ନୀଳାଦ୍ରି ସମର ସିଂହଙ୍କ ରାଜୁତି ଚାଲିଥିଲା । ସେହି ସମୟରେ ଏକ ଦିଗନ୍ତବିସ୍ତାରୀ ପାଟରେ ଜଣେ ହଳୁଆ ହଳ କରୁଥିବାବେଳେ ଗୋଟିଏ ପଥରରେ ଫାଳମୁନ ବାଜିବାରୁ ହଠାତ୍ ଝଡ଼ତୋଫାନ ମାଡ଼ିଆସିଲା । ବିରାଟ ଶବ୍ଦ ଶୁଣି ବଳଦ ଓ ହଳୁଆ ଅଚେତ ହୋଇଗଲେ । ଚେତା ଆସିବାରୁ ସେଠାରେ ଆଃ ଆଃ ରଡ଼ି ଶୁଭୁଥିବା ଓ ଏକ ପଥର ଦେହରୁ ରକ୍ତ ଝରୁଥିବା ଦେଖି ହଳୁଆ ସେ ସ୍ଥାନ ଛାଡ଼ି ଘରକୁ ବାହୁଡ଼ି ଆସି ନୀଳାଦ୍ରିଙ୍କୁ ସବୁକଥା କହିଥିଲେ । କିନ୍ତୁ ନୀଳାଦ୍ରି ଯାଇ ଦେଖିଲାବେଳକୁ ଉକ୍ତ ପଥର ଦେହରୁ କ୍ଷୀର ଝରୁଥିଲା । ସେହିଦିନ ରାତିରେ ନୀଳାଦ୍ରିଙ୍କୁ ସ୍ୱପ୍ନାଦେଶ ହେଲା ଯେ, ସେ ହେଉଛନ୍ତି ସ୍ୱୟଂ ଆଖଣ୍ଡଳମଣି । ଶାପମୁକ୍ତ ପାଇଁ ଦ୍ୱାପର ଯୁଗରେ ଦେବରାଜ ଇନ୍ଦ୍ର ସେହି ସ୍ଥାନରେ ଲିଙ୍ଗ ପ୍ରତିଷ୍ଠା କରି ପୂଜାର୍ଚ୍ଚନା କରୁଥିଲେ । ତେଣୁ ଇନ୍ଦ୍ରଦେବଙ୍କ ଅନ୍ୟନାମ ଆଖଣ୍ଡଳ ଅନୁସାରେ ତାଙ୍କ ଆରାଧ୍ୟ ଦେବତାଙ୍କୁ ସେହିଦିନଠାରୁ ଆଖଣ୍ଡଳମଣି ଭାବେ ପୂଜା କରାଯିବା ସହିତ ଲଙ୍ଗଳ ଫାଳ ବାଜି ଆଃ ଆଃ ରଡ଼ି ଶୁଭିଥିବାରୁ ସେହି ସ୍ଥାନର ନାମ ଆରଡ଼ି ଭାବେ ଖ୍ୟାତି ପାଇଲା ।

**ବାବାଙ୍କ ବଡ଼ସିଂହାର ବେଶ, ମୁକୁଟ ଓ ଚନ୍ଦନ:** ପ୍ରତିଦିନ ବାବା ଆଖଣ୍ଡଳମଣିଙ୍କର ବିଭିନ୍ନ ବେଶ ହୋଇଥାଏ । ସକାଳେ ଦିଗମ୍ବର, ଅପରାହ୍ଣରେ ଯୋଗୀବେଶ ଓ ସନ୍ଧ୍ୟାରେ ବଡ଼ସିଂହାର ବେଶ । ବଡ଼ସିଂହାର ବେଶରେ ପ୍ରଭୁଙ୍କ ମୁଖମଣ୍ଡଳରେ ଚନ୍ଦନ ବୋଳାଯାଇ ସେଥିରେ ବାବାଙ୍କ ଚକ୍ଷୁ, ନାସିକା, ଅଧର, କର୍ଣ୍ଣ ଆଦି ସ୍ଥାପନା କରାଯାଇଥାଏ । ଏହାଛଡ଼ା ଦୈନନ୍ଦିନ ବ୍ୟବହୃତ ରୌପ୍ୟ ମୁକୁଟ ପଛପଟେ ଏକ ପୁଷ୍ପମୁକୁଟ ମଧ୍ୟ ଲଗାଯାଏ । ବାବାଙ୍କ ଏହି ଦୁର୍ଲଭ ବେଶ ତା'ପରଦିନ ପ୍ରଭାତକାଳୀନ ମଙ୍ଗଳ ଆଳତି ପରେ ଖୋଲାଯାଇଥାଏ । ପୁଷ୍ପ ମୁକୁଟଟିକୁ ପାଳିଆ(ସେବାୟତ)ତାଙ୍କ ଘରକୁ ନେଇଯାନ୍ତି । ଆଉ ଯେଉଁମାନଙ୍କର ଏହା ଦରକାର, ସେମାନେ ଚାହିଁଲେ ପାଳିଆଙ୍କଠାରୁ ନେଇପାରିବେ । ଗୃହ ନିର୍ମାଣ, ବିବାହ ବ୍ରତ, ଗୃହ ପ୍ରବେଶ ବେଳେ ଏହାକୁ ନେଇ ଘରେ ବାନ୍ଧିଲେ ଉକ୍ତ ମାଙ୍ଗଳିକ ଉତ୍ସବରେ କୌଣସି ବାଧା ଉପୁଜେ ନାହିଁ ବୋଲି ସ୍ଥାନୀୟ ବାସିନ୍ଦାଙ୍କର ବିଶ୍ୱାସ ରହିଛି । ଏପରି କି ଚୋର ଭୟ ସହ ସର୍ପଦଂଶନ ହେବାର ମଧ୍ୟ ସମ୍ଭାବନା ନ ଥାଏ । ସେହିପରି ବଡ଼ସିଂହାର ବେଶରୁ ବାହାରୁଥିବା ପବିତ୍ର ଚନ୍ଦନକୁ ମଥାରେ ଲଗାଇଲେ ବା ସେବନ କଲେ ରୋଗ ସ୍ପର୍ଶ କରେନାହିଁ ବୋଲି ଲୋକବିଶ୍ୱାସ ରହିଛି ।

**ବାବାଙ୍କ କୁଣ୍ଡଜଳର ମହିମା ଅପାର:** କଥାରେ ଅଛି, ଆରଡ଼ିରେ ଗାରେଡ଼ି ନାହିଁ । ଅର୍ଥାତ୍ ଏଠାରେ ଗୁଣିଗାରେଡ଼ି କିଛି କାମ କରେନାହିଁ । କେବଳ

**ଭଦ୍ରକ ଜିଲାର ଆରଡ଼ିଠାରେ ପାତାଳୀ ଲିଙ୍ଗ ବାବା ଆଖଣ୍ଡଳମଣି ନାମରେ ପୂଜା ପାଇ ଆସୁଛନ୍ତି। ପ୍ରଭୁଙ୍କ ମହିମା ପାଇଁ କେବଳ ଓଡ଼ିଶା ନୁହେଁ, ପଶ୍ଚିମବଙ୍ଗ, ଛତିଶଗଡ଼, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଓ ତାମିଲନାଡୁ ଆଦି ରାଜ୍ୟର ଭକ୍ତଗଣ ଏଠାକୁ ବାବାଙ୍କ ଦର୍ଶନ ନିମନ୍ତେ ଆସୁଛନ୍ତି...**

ପୀଠ ନୁହେଁ, ଆଖପାଖ ବାରଟି ଗାଁର ଅଧିବାସୀ କୌଣସି ଗୁଣିଗାରେଡ଼ିକୁ ବିଶ୍ୱାସ ନ କରି ବାବାଙ୍କ କୁଣ୍ଡଜଳକୁ ପାଦୁକା ରୂପେ ପାନକରି ନିଜର ରୋଗ ଦୂର ତଥା ଗ୍ରହ ଖଣ୍ଡନ କରିଥାନ୍ତି । ପ୍ରଭୁଙ୍କ ମସ୍ତକରେ ଘଷାଯାଉଥିବା କଦଳୀ, ଗୁଡ଼, ବିଭିନ୍ନ ପ୍ରକାର ପକ୍ୱ ଫଳ, କଞ୍ଚାକ୍ଷୀର, ବସାଦହି, ଛେନା, ନାରିକେଳ ଇତ୍ୟାଦି ତାଙ୍କ ପାଦପାଖକୁ ଯାଇ ଏକ ଗର୍ତ୍ତ ଦେଇ ଗୋଟିଏ କୁଣ୍ଡରେ ପଡ଼ିଥାଏ । ପୁଣି ପ୍ରଭୁଙ୍କ ମସ୍ତକରେ ଲାଗୁଥିବା ବେଲପତ୍ର ଓ ବିଭିନ୍ନ ଫୁଲ ପଡ଼ି ତାହା ପାଦୁକରେ ପରିଣତ ହୋଇଥାଏ । ଏହି କୁଣ୍ଡଜଳ ପୀଠର ସେବାୟତଙ୍କ ସହ ସ୍ଥାନୀୟ ଅଞ୍ଚଳର ପ୍ରତ୍ୟେକଙ୍କ ଘରେ ରହିଥାଏ । ପ୍ରତିଦିନ ଗାଧୋଇସାରି ପରିବାରର ସବୁ ସଦସ୍ୟ ଏହାକୁ ପାନ କରିଥାନ୍ତି । ଏହାର ମହିମା ବଡ଼ ଅପାର । କୁହାଯାଏ, ବିଷଧର ସର୍ପ ଦଂଶନ କଲେ କୁଣ୍ଡଜଳ ପାନ ଦ୍ୱାରା ବିଷ କୁଆଡ଼େ ପାଣି ହୋଇଯାଏ । ତେଣୁ ସ୍ଥାନୀୟ ଅଞ୍ଚଳରେ ଯାହାଙ୍କୁ ବି ସର୍ପାଘାତ ହୋଇଥାଏ, ତାଙ୍କୁ ପ୍ରଥମେ ବାବାଙ୍କ କୁଣ୍ଡଜଳ ପିଆଇ ସାରିବା ପରେ ଚିକିତ୍ସା ନିମନ୍ତେ ଅନ୍ୟ ସ୍ଥାନକୁ ନିଆଯାଇଥାଏ । କେବଳ ସର୍ପାଘାତ ନୁହେଁ, ଏହି ଜଳ ସର୍ବବ୍ୟାଧି ଦୂର କରିଥାଏ । ସେଥିପାଇଁ ହଜାର ହଜାର ବ୍ୟକ୍ତି ପୀଠରେ ଅଧିଆ ପଡ଼ିଥାନ୍ତି । ଆରୋଗ୍ୟ ନ ହେଲା ପର୍ଯ୍ୟନ୍ତ ଅଧିଆ ପଡ଼ିଥିବା ବ୍ୟକ୍ତିଙ୍କୁ ସେହି କୁଣ୍ଡଜଳ ପାନ କରିବାକୁ ପଡ଼ିଥାଏ । ସ୍ୱପ୍ନାଦେଶ ପରେ ସେମାନେ ପୀଠ ଛାଡ଼ି ଘରକୁ ଯାଇଥାଆନ୍ତି । ସେହିପରି କୌଣସି ବ୍ୟକ୍ତି ଗୁଣିଗାରେଡିର ଶିକାର ହେଲେ କିମ୍ବା କାହାକୁ ଭୂତପ୍ରେତ ସବାର ହେଲେ ସେମାନେ ଏହି ପୀଠକୁ ଆସି କୁଣ୍ଡଜଳ ଦେହରେ ସିଞ୍ଚନ କରି ବାବାଙ୍କ ଶିବଗଙ୍ଗା ପୁଷ୍କରିଣୀରେ ସ୍ନାନ କଲେ ବିପଦରୁ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି । ହେଲେ କୁଣ୍ଡଜଳକୁ କେହି ଯଦି ଅଜାଣତରେ ଅଗାଧୁଆ, ଛୁତିକିଆ କିମ୍ବା ମୃତିକିଆ ବେଳେ ସ୍ପର୍ଶ କରିଦିଅନ୍ତି, ତା'ହେଲେ ଏହା ସମ୍ପୂର୍ଣ୍ଣ କଳା ପଡ଼ିଯାଏ ।


**ଶ୍ରଦ୍ଧାଳୁଙ୍କ ଅଖଣ୍ଡ ବିଶ୍ୱାସ:** ବାବା ଆଖଣ୍ଡଳମଣିଙ୍କ ପୀଠକୁ ଦୀର୍ଘ ୨୩ ବର୍ଷ ଧରି ପ୍ରତି ସୋମବାରେ ମଙ୍ଗଳ ଆଳତି ଦର୍ଶନ ପାଇଁ ଖନ୍ତାପଡ଼ା (ବାଲେଶ୍ୱର)ରୁ ଆସୁଥିବା ଉଗ୍ରସେନ ଜେନା ପ୍ରଭୁଙ୍କ ମହିମା ସମ୍ପର୍କରେ କୁହନ୍ତି, ୧୯୯୮ ମସିହାରେ ତାଙ୍କ ୭ ବର୍ଷ ଝିଅର ୨ଟିଯାକ କିଡ୍ନୀ ନଷ୍ଟ ହୋଇଯାଇଥିଲା । ପ୍ରଥମେ କଟକ ଓ ତା'ପରେ ଭେଲୋର ନେଲାପରେ ଯଥାଶୀଘ୍ର ଅପରେଶନ କରିବାକୁ ଡାକ୍ତର କହିଲେ । ଚଡ଼କ ପଡିଗଲା ଉଗ୍ରସେନଙ୍କ ମୁଣ୍ଡରେ । ଜଣେ ସାଧୁଙ୍କ ସହ ସାକ୍ଷାତ୍ ହେବାରୁ ସେ ଆଖଣ୍ଡଳମଣିଙ୍କ ନିକଟକୁ ଯାଇ ଝିଅର ଜୀବନ ଭିକ୍ଷା କରିବାକୁ କହିଲେ । ସେ ଓ ତାଙ୍କ ପତ୍ନୀ ଝିଅକୁ ନେଇ ଆଖଣ୍ଡଳମଣିଙ୍କ ପୀଠକୁ ଆସିଲେ । ପୂଜକଙ୍କ ପରାମର୍ଶରେ ସ୍ୱାମୀ ଓ ସ୍ତ୍ରୀ ୨୧ ଦିନ କୁଣ୍ଡଜଳ ପିଇ ପୀଠରେ ଅଧିଆ ପଡ଼ି ଝିଅର ଆରୋଗ୍ୟ କାମନା କଲେ । ଝିଅକୁ ବି ପ୍ରତିଦିନ ସେହି କୁଣ୍ଡଜଳ ପିଇବାକୁ ଦେଉଥିଲେ । ମାସେ ପରେ ଉଗ୍ରସେନ ସ୍ୱପ୍ନରେ ଦେଖିଲେ ଯେ ଝିଅ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯାଇଛି ଏବଂ ଘରକୁ ଫେରିଯିବାକୁ ପ୍ରଭୁ ଆଦେଶ ଦେଉଛନ୍ତି । ଏହାର କିଛିଦିନ ପରେ ସେ ଝିଅକୁ ଭେଲୋର ନେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇବାରୁ ଡାକ୍ତର କହିଲେ, ଝିଅର କିଡ୍ନୀ ଏବେ ପୂରା ଠିକ୍ ଅଛି । ସେହିଦିନଠାରୁ ଉଗ୍ରସେନ ପ୍ରତି ରବିବାର ରାତିରେ ଘରୁ ଫୁଲ ଧରିଆସି ସୋମବାର ଭୋରୁ ମଙ୍ଗଳ ଆଳତି ଦେଖି ଫେରିଯାଉଛନ୍ତି । ୟା' ଭିତରେ ସେହି ଝିଅର ବିବାହ ମଧ୍ୟ ସରିଗଲାଣି । ସେହିପରି ଭଦ୍ରକ ଜିଲା ଧାମନଗର ବ୍ଲକ ଦଇପୁର ଗ୍ରାମର ବିମ୍ବାଧର ଜେନା ନାମକ ଜଣେ ବ୍ୟକ୍ତି ପେଟବ୍ୟଥା ରୋଗରେ ପୀଡ଼ିତ ହୋଇ ୮ ବର୍ଷ ହେଲା ପୀଠରେ ଅଧିଆ ପଡ଼ି ମନ୍ଦିର ବେଢ଼ା ପରିଷ୍କାର କରିଆସୁଛନ୍ତି । ସେ କେବଳ ଖଇ ଖାଇ ଓ ବାବାଙ୍କ କୁଣ୍ଡଜଳ ପିଇ ଜୀବନ ନିର୍ବାହ କରୁଛନ୍ତି । ଆଉ ପ୍ରତୀକ୍ଷା କରିଛନ୍ତି ବାବାଙ୍କ ସ୍ୱପ୍ନାଦେଶକୁ । ପ୍ରଭୁଙ୍କ ଆଦେଶ ମିଳିଲେ ଗୃହକୁ ବାହୁଡ଼ିଯିବେ ବୋଲି ସେ ମତ ଦେଉଛନ୍ତି ।

**କେବେ ଓ କେମିତି ଯିବେ:** ବାବାଙ୍କ ପୀଠକୁ ବର୍ଷସାରା ଭକ୍ତଙ୍କର ଯା'ଆସ ଲାଗିରହିଥାଏ । ତେବେ ପ୍ରତି ସୋମବାର, ମହାଶିବରାତ୍ରି, ଶ୍ରାବଣ ମାସ, ଶିବବିବାହ ଇତ୍ୟାଦି ଦିନମାନଙ୍କରେ ଏଠାରେ ପ୍ରବଳ ଭିଡ଼ ଜମେ । ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ମଧ୍ୟ ଭଲ ସୁବିଧା ରହିଛି । ଭଦ୍ରକ ସହରରୁ ବସ୍ କିମ୍ବା ଅନ୍ୟାନ୍ୟ ଯାନବାହନ ଯୋଗେ ପ୍ରାୟ ୩୮ କି.ମି. ଦୂର ଗଲେ ପଡ଼େ ଏହି ପୀଠ । ସେହିପରି କେନ୍ଦ୍ରାପଡ଼ାରୁ ଯାଉଥିଲେ ଚାନ୍ଦବାଲି ନିକଟସ୍ଥ ତିନିତରଠାରେ ଘାଟ ପାର ହୋଇ ଏହି ପୀଠକୁ ଯାଇହେବ । ଅନ୍ୟପକ୍ଷେ ଯାଜପୁରରୁ ପ୍ରାୟ ୪୦ କି.ମି. ଦୂର ଏହି ପୀଠକୁ ମଧ୍ୟ ବସ୍ ଓ କାର ଯୋଗେ ଯିବାର ସୁବିଧା ରହିଛି ।

– ଦୀପ୍ତିରଞ୍ଜନ ନାୟକ







# ଶରୀର ସାରା ହୁଲା ହୁପ୍ ଘୂରାଇ ରେକର୍ଡ

ସର୍କସ୍‌ରେ ଦେଖିଥିବେ ଯୁବତୀମାନେ ଅଣ୍ଟାରେ ବଡ ବଡ ରିଙ୍ଗ୍ ବା ହୁଲା ହୁପ୍ ଘୂରାଇ ଦର୍ଶକଙ୍କ ମନ ଜିଣନ୍ତି। ସେହି ହୁଲା ହୁପ୍‌କୁ ନେଇ ଜଣେ ଯୁବତୀ ବିଶ୍ୱ ରେକର୍ଡ କରିଛନ୍ତି। ସେ କେବଳ ଗୋଟିଏ/ଦୁଇଟି କି ଚାରି/ପାଞ୍ଚୋଟି ହୁଲା ହୁପ୍ ଘୂରେଇ ନାହାନ୍ତି ବରଂ ସେ ନିଜର ଶରୀରର ବିଭିନ୍ନ ଅଙ୍ଗରେ ୫୯ଟି ହୁଲା ହୁପ୍ ଏକା ସାଙ୍ଗରେ ଘୂରାଇଛନ୍ତି। ସେ ହେଉଛନ୍ତି ଜର୍ମାନୀର ଦୁଞ୍ଜା କୁହ୍‌ନ। ସେ ଜଣେ ପେସାଦାର ହୁଲା ହୁପ୍ ଡ୍ୟାନ୍ସର ଓ ଟିଚର୍। ରେକର୍ଡ କରିବା ଦିନ ୩୦ ବର୍ଷୀୟା ଦୁଞ୍ଜା ୫୯ଟି ହୁଲା ହୁପ୍‌କୁ ଶରୀରର ବିଭିନ୍ନ ଅଙ୍ଗରେ ଏକ ସଙ୍ଗେ ବୁଲାଇବା ସହ କ୍ୟାବ୍‌ରେ ଡ୍ୟାନ୍ସ ବି କରିଥିଲେ। ଆଉ ସମସ୍ତଙ୍କୁ ଚକିତ କରିଦେଇଥିଲେ।

## କାର୍ଟୁନ କର୍ନର



# ଡ୍ୟାନ୍ସର ସାଗର

ସାଗର କହିଲେ ଯାତ୍ରାପ୍ରେମୀମାନେ ଜାଣିଯାଆନ୍ତି କେଉଁ ସାଗରର କଥା କୁହାଯାଉଛି। ଏ ହେଉଛନ୍ତି ସେଇ ସାଗର, ଯିଏ ଯାତ୍ରା ଆରମ୍ଭ ହେବା ପୂର୍ବରୁ ନିଜର ଟିମ୍ ସହିତ ମଞ୍ଚକୁ ଆସି ଦର୍ଶକଙ୍କୁ ଦେଇଥାନ୍ତି ଭରପୂର ମନୋରଞ୍ଜନ। ଜଣେ ଉଚ୍ଚକୋଟୀର ଡ୍ୟାନ୍ସର ତଥା ଡ୍ୟାନ୍ସ ଟିଚର ଭାବରେ ସାଗର ଓରଫ୍ ସାଗର ପ୍ରଧାନଙ୍କର ବେଶ୍ ସୁନାମ ରହିଛି ଯାତ୍ରା ଇଣ୍ଡଷ୍ଟ୍ରିରେ। କେନ୍ଦ୍ରାପଡ଼ାରେ ଘର। ନାଚରେ କୌଣସି ତାଲିମ ନେଇ ନ ଥିଲେ। ତେବେ ନାଚିବାର କଳାଟି ଭଗବାନ ଦେଇଥିଲେ ତାଙ୍କୁ। ତାଙ୍କ ମଉସା ହେଉଛନ୍ତି ଯାତ୍ରା ଜଗତର ସ୍ୱନାମଧନ୍ୟ ପରିଚାଳକ ବଙ୍କିମ୍ ସ୍ୱାଇଁ। ସେ ହିଁ ସାଗରକୁ ନେଇ ଆସିଲେ ଯାତ୍ରାକୁ। ୨୦୦୨ରେ ସାଗର ଆସି ଯୋଗଦେଲେ 'ଯାତ୍ରା ତ୍ରିରଙ୍ଗା'ରେ। ଗୁରୁମାନଙ୍କଠୁ ନାଚ ଶିଖିଲେ। ଆଉ ଦିନକେଇଟା ପରେ ସେ ପାଲଟିଗଲେ ଜଣେ ଲିଡ୍ ଡ୍ୟାନ୍ସର।

ଯାତ୍ରା ତ୍ରିରଙ୍ଗା ପରେ କୋଣାର୍କ। ଏହିପରି ଆଉକିଛି ପାର୍ଟି ଅତିକ୍ରମ



କରି ସାଗର ଏବେ ଆସି ପହଞ୍ଚିଛନ୍ତି ଯାତ୍ରା ଇନ୍ଦ୍ରମହଲରେ। ଯାତ୍ରାରେ ସେ କେବଳ ଡ୍ୟାନ୍ସର ନୁହନ୍ତି; ରେକର୍ଡ ଡ୍ୟାନ୍ସ ଶିଖେଇବା ଦାୟିତ୍ୱ ବି ରହିଛି ତାଙ୍କରି ଉପରେ। ଯାତ୍ରାରେ କ'ଣ ଭଲ ଓଡ଼ିଆ ଗୀତକୁ ନେଇ ରେକର୍ଡ ଡ୍ୟାନ୍ସ କରାଯାଇପାରିବନି (?) ଏଭଳି ଏକ ପ୍ରଶ୍ନର ଉତ୍ତରରେ ସାଗର କହନ୍ତି : ଆମେ କ'ଣ ଚାହୁଁନୁ ଯେ, ମଞ୍ଚ ଉପରେ ଭଲ ଗୀତ ବାଜୁ। ଆଉ ସେଥିରେ ଖୁବ୍ ସୁନ୍ଦର ନାଚ ହେଉ। ମାତ୍ର ଦର୍ଶକମାନେ ତାହାକୁ ଗ୍ରହଣ କରୁନାହାନ୍ତି। ସେ କହନ୍ତି, ଥରେ ଆମେ ଅକ୍ଷୟ ମହାନ୍ତିଙ୍କର ବହୁ ଲୋକପ୍ରିୟ ଗୀତ 'ଯାରେ ଭାସି ଭାସି ଯା'କୁ ନେଇ କୋରିଓଗ୍ରାଫି କରିଥିଲୁ। ହେଲେ ଦର୍ଶକମାନେ ଆମକୁ ଗାଳିଗୁଲଜ କରିବା ଆରମ୍ଭ କରିଦେଲେ। କହିଲେ, ଆମେ କ'ଣ କାଗଜ ଡଙ୍ଗା ଦେଖିବୁ ଯେ ଟିକେଟ କାଟି ରାତି ଅନିଦ୍ରା ହୋଇ ଡଙ୍ଗା ଭସେଇବାକୁ ଆସିଛୁ। ସାଗର କହନ୍ତି, ଦର୍ଶକ ବଦଳିଲେ ରେକର୍ଡ ଡ୍ୟାନ୍ସ ନିଶ୍ଚୟ ବଦଳିବ। ଯାତ୍ରାରେ ସାଗର ପାଇଛନ୍ତି ତାଙ୍କର ଧର୍ମପତ୍ନୀ ଅଭିନେତ୍ରୀ ଟିଙ୍କିଲିଙ୍କୁ। ସାଗରଙ୍କର ବି ଇଚ୍ଛା ସେ ଅଭିନୟ କରନ୍ତେ। ହେଲେ ତାଙ୍କର ଭଏସ୍ ସପୋର୍ଟ କରୁନି। ଅବଶ୍ୟ ସେ ଡ୍ୟାନ୍ସର ଭାବେ ଖୁସି ଅଛନ୍ତି।

# ଛ'ମାଣ ଆଠଗୁଣ୍ଠ ହେବ ଅନନ୍ତ ଓଝାଙ୍କ ପାଇଁ ସବୁଠୁ ବଡ଼ ଶ୍ରଦ୍ଧାଞ୍ଜଳି



ହରପ୍ରିୟା ଓଝା

ହରପ୍ରିୟା ଓଝା! ଏହା କେବଳ ଗୋଟିଏ ନାମ ନୁହେଁ; ଗୋଟିଏ ଦୁଃସାହସିକତାର ଦୃଷ୍ଟାନ୍ତ। ଓଡ଼ିଆ ଯାତ୍ରା ନାଟକ ଯେତେବେଳେ ସମ୍ପୂର୍ଣ୍ଣ ଭାବରେ ପୁରୁଷ ନାଟ୍ୟକାରମାନଙ୍କ ନିୟନ୍ତ୍ରଣରେ ରହିଥିଲା ସେତେବେଳେ ଏଇ ହରପ୍ରିୟା ହିଁ ପ୍ରଥମେ ଦୁଃସାହସ କରିଥିଲେ- ସେ ନାଟକ ଲେଖିବେ। ନାଟକ ତ ଲେଖିଲେ। ପୁଣି ସଫଳ ବି ହେଲେ। ଆଜି ଯଦି କେତେଜଣ ନାରୀ ଯାତ୍ରା ନାଟକ ଲେଖିବାକୁ ଆଗେଇ ଆସିଛନ୍ତି, ତା'ହେଲେ ତାହାର ଶ୍ରେୟ ଯେ ହରପ୍ରିୟା ଓଝାଙ୍କୁ ଯିବ ସେଥିରେ ସନ୍ଦେହର ଅବକାଶ ନାହିଁ। ଯାତ୍ରା ନାଟକ ଲେଖିବା ପାଇଁ ଆଗେଇ ଆସୁଥିବା ନାରୀ ନାଟ୍ୟକାରଙ୍କୁ ନେଇ ଭାରି ଆଶାବାଦୀ ହରପ୍ରିୟା। ସେଥିପାଇଁ 'ଅନ୍ତରଙ୍ଗ କଳାକାର' ମାଧ୍ୟମରେ ସେମାନଙ୍କୁ ପ୍ରତିବର୍ଷ ଉତ୍ସାହିତ କରିଚାଲିଛନ୍ତି।

– ପ୍ଲସ୍ ଟୁ'ରେ ଗପ କବିତା ଲେଖୁଥିଲେ ହରପ୍ରିୟା। ଯାତ୍ରା, ଚଳଚ୍ଚିତ୍ର ବି ଦେଖୁଥିଲେ। ବାପାମା'ଙ୍କର ତାଙ୍କ ଉପରେ କୌଣସି ଚାପ ନ ଥିଲା। ସେମାନେ ଚାହୁଁଥିଲେ ଝିଅ କୋଟିକରେ ଗୋଟିଏ ହେଉ। ଦିନେ ହରପ୍ରିୟା ଭାବିଲେ, ପୁରୁଷପ୍ରାଧାନ୍ୟ ସମାଜରେ ନାରୀର ସ୍ୱର ଦିନକୁ ଦିନ ଦବି ଦବି ଚାଲିଛି। ତା'ଛଡ଼ା ଗୋଟିଏ ନାରୀ ଯେପରି ନାରୀର କଥା ଆଉ ବ୍ୟଥାକୁ ବୟାନ କରିପାରିବ ତାହା ପୁରୁଷ ଦ୍ୱାରା ସମ୍ଭବ ହେବ କିପରି? ଆଉ ଏସବୁ ପାଇଁ ନାଟକ ହେଉଛି ଏକ ପ୍ରକୃଷ୍ଟ ମାଧ୍ୟମ; ଯେଉଁବାଟ ଦେଇ ଅତି ସହଜରେ ନିଜ ଭିତରର କଥାକୁ ଲୋକମାନଙ୍କ ନିକଟରେ ପହଞ୍ଚେଇ ଦେଇହେବ। ଏମିତି ଏକ ମନୋଭାବ ନେଇ ନାଟ୍ୟକାର ଅନନ୍ତ ଓଝାଙ୍କୁ ଦିନେ ଭେଟିଲେ ହରପ୍ରିୟା। କାହିଁକି କେଜାଣି ଅନନ୍ତ ଓଝାଙ୍କୁ ଦେଖିବା ପରେ ତାଙ୍କ ଭିତରକୁ ସଞ୍ଚରି ଆସିଲା ଏକ ଅଜଣା ପ୍ରେରଣା। ଆଉ ସେ ମନେମନେ ଭାବିନେଲେ ଯେ, ସେ ଦିନେ ଅନନ୍ତ ଓଝା ହେବେ। ହେଲେ ଏବେ ସେ ଅନୁଭବ କରୁଛନ୍ତି : ଅନନ୍ତ ଓଝା ହେବା ଏକ ସହଜ କଥା ନୁହେଁ। ସେଥିଲାଗି ତାଙ୍କୁ ଆହୁରି ଅନେକ ଜନ୍ମ ନବାକୁ ପଡ଼ିବ।

– ୧୯୯୨-୯୩ରେ ଅନୁଷ୍ଠିତ ହୋଇଥିଲା ହରପ୍ରିୟାଙ୍କର ପ୍ରଥମ ନାଟକ 'ସବୁ ଝିଅ ନୁହନ୍ତି ସୁନ୍ଦରୀ ରାଧା'। ନାଟ୍ୟକାର ଅନନ୍ତ ଓଝାଙ୍କର ସାହଚର୍ଯ୍ୟ, ପ୍ରେରଣା, ପରାମର୍ଶ ଓ ଉଚିତ ମାର୍ଗଦର୍ଶନ ତାଙ୍କୁ ବହୁଭାବରେ ଅନୁପ୍ରେରିତ କରିଛି। ଇତିମଧ୍ୟରେ ସେ ପଚିଶରୁ ଊର୍ଦ୍ଧ୍ୱ ନାଟକ ରଚନା କରିସାରିଛନ୍ତି। ସେଥିମଧ୍ୟରେ ରହିଛି 'ନା ମୁଁ ଦୁଷ୍ଟ ହେବିନି', 'ସବୁ ବାପାଙ୍କ ଦୋଷ', 'କାଚ କଣ୍ଢେଇ', 'ପାକିସ୍ତାନ ମୁର୍ଦ୍ଦାବାଦ', 'ମୁକ୍ତି ମଣ୍ଡପ', 'ମୁଁ ଝିଅଟେ-ମେଡ୍ ଇନ୍ ଓଡ଼ିଶା', 'ସାବିତ୍ରୀ କହୁଛି ବିଧବା ହବ', 'ମିଛେଇ ଝିଅ', 'ଜିନ୍ଦାବାଦ ଓଡ଼ିଶା', 'ହଳଦୀ ରଙ୍ଗର ଝିଅ' ଏବଂ ଆହୁରି ଅନେକ।

– ସ୍ୱର୍ଗତ ଅନନ୍ତ ଓଝାଙ୍କ ଏକ ସ୍ୱପ୍ନର ପ୍ରୋଜେକ୍ଟ ଥିଲା ବ୍ୟାସକବି ଫକୀର ମୋହନ ସେନାପତିଙ୍କ "ଛ'ମାଣ ଆଠଗୁଣ୍ଠ"କୁ ଯାତ୍ରା ନାଟକର ରୂପ ଦେବା। ଏ କଥା ସେ ପ୍ରଥମଥର ପାଇଁ 'ଛୁଟିଦିନ, ଧରିତ୍ରୀ'କୁ ଦେଇଥିବା ସାକ୍ଷାତ୍କାରରେ ପ୍ରକାଶ କରିଥିଲେ। ମାତ୍ର କାଳର ଇଚ୍ଛା ଥିଲା କିଛି ଅଲଗା। ବାହୁଡ଼ି ଯାଇଥିଲେ ନାଟ୍ୟକାର। ତାଙ୍କ ପତ୍ନୀ ହିସାବରେ ତଥା ଜଣେ ସଫଳ ନାଟ୍ୟକାର ଭାବରେ ସ୍ୱାମୀଙ୍କ ସେହି ଇଚ୍ଛାକୁ ପୂରଣ କରିବାକୁ ଅଣ୍ଟା ଭିଡ଼ିଛନ୍ତି ହରପ୍ରିୟା। ୨୦୧୯-୨୦ ଯାତ୍ରାବର୍ଷରେ "ଛ'ମାଣ ଆଠଗୁଣ୍ଠ'କୁ ନାଟ୍ୟରୂପ ଦେବାର ଯୋଜନାରେ ଅଛନ୍ତି। ଯଦି ତାହା ହୋଇପାରେ ତା'ହେଲେ ତାହା ସ୍ୱର୍ଗତ ଓଝାଙ୍କ ପାଇଁ ସବୁଠାରୁ ବଡ଼ ଶ୍ରଦ୍ଧାଞ୍ଜଳି ହେବ ବୋଲି କହନ୍ତି ସେ।

– ଜିଇଥିବା ଯାଏ ନାଟକ ଲେଖିବେ ହରପ୍ରିୟା। ନିଜ ପାଇଁ ନୁହେଁ; ନିଜ ସ୍ୱାମୀଙ୍କ ପାଇଁ। ମେଡିକାଲ ବେଡ୍‌ରେ ଥାଇ ଦିନେ ତାଙ୍କୁ ଦିବଂଗତ ନାଟ୍ୟକାର କହିଥିଲେ: ହୁଏତ ମୁଁ ଚାଲିଯାଇପାରେ। ହେଲେ ମୁଁ ତୁମ କଲମ ମୁନରେ ସବୁଦିନ ବଞ୍ଚିବି।

# ସମୟ ନାହିଁ

ଦିନକୁଦିନ ମଣିଷ ବ୍ୟସ୍ତ ହେଉଛି। ଏପରିକି ଆତ୍ମୀୟମାନଙ୍କୁ ଦେବା ପାଇଁ ସମୟର ଘୋର ଅଭାବ। ଏମିତି କି ସ୍ୱାମୀ ପାଇଁ ସ୍ତ୍ରୀର କିମ୍ବା ସ୍ତ୍ରୀ ପାଇଁ ସ୍ୱାମୀର ମଧ୍ୟ ସମୟ ନାହିଁ। ଏ କଥା କେତେକ ସର୍ବେକ୍ଷଣକାରୀ ପ୍ରକାଶ କରିଛନ୍ତି। ନିକଟରେ ଶେଷ ହୋଇଥିବା ଏକ ସର୍ବେକ୍ଷଣରୁ ଜଣାଯାଇଛି ଯେ, କଥାବାର୍ତ୍ତା ହେବା ପାଇଁ ବି ସ୍ୱାମୀ ସ୍ତ୍ରୀଙ୍କ ନିକଟରେ ସମୟ ନାହିଁ। କାରଣ ଏବେ ପ୍ରତ୍ୟେକେ କର୍ମଜୀବୀ। ଏହି ସର୍ବେକ୍ଷଣରେ ଅଂଶଗ୍ରହଣ କରିଥିବା ୪୦.୯୭ ପ୍ରତିଶତ ଦମ୍ପତି ପ୍ରକାଶ କରିଛନ୍ତି ଯେ, ସେମାନେ ପରସ୍ପର ସହିତ କଥାହେବାକୁ ଦିନରେ ମାତ୍ର ଅଧଘଣ୍ଟାଏ ସମୟ ପାଇଥାନ୍ତି। ତାହା ପୁଣି ରାତିରେ ଖାଇବା ବେଳେ କିମ୍ବା ଶୋଇବାକୁ ଯିବା ପୂର୍ବରୁ। ଏବେ ସମସ୍ତଙ୍କ ପାଇଁ ଅର୍ଥ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଉଠିଛି। ଆଉ ଏହି ଅର୍ଥନୈତିକ ଅସ୍ଥିରତା ହିଁ ପରସ୍ପର ମଧ୍ୟରେ ଥିବା ଅନ୍ତରଙ୍ଗତାକୁ ଦୂରେଇ ନଉଛି।











# ଉଲ୍‌ର ସି’ ଫୁଡ୍

କେଟ୍ ଜେନ୍‌କିସ୍ ହେଉଛନ୍ତି ଜଣେ ନିଟ୍‌ୱେର୍ ଡିଜାଇନର୍। ସେ ଡିଜାଇନର୍ ଉଲେନ୍ ପୋଷାକ ତିଆରି କରନ୍ତି। ତେବେ ସେ କେବଳ ପୋଷାକ ବୁଣାବୁଣି ମଧ୍ୟରେ ସୀମିତ ନ ରହି କିଛି ଭିନ୍ନ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟିକରିବାକୁ ଚାହୁଁଥିଲେ। ହେଲେ ସେଥିରେ ତାଙ୍କର ଉଲ୍ ପ୍ରତି ଥିବା ଭଲ ପାଇବା, ଟେକ୍ସଟାଇଲ୍ ଓ ରଙ୍ଗ ପ୍ରତି ଥିବା ଭଲ ପାଇବା ଝଲକୁଥିବା ଜରୁରୀ ଥିଲା। ୨୦୧୫ରେ ସେ ଲଣ୍ଡନରେ ଥିବା ଆଲେକ୍‌ଜାଣ୍ଡାର ପ୍ୟାଲେସ୍‌ରେ ଆୟୋଜିତ ନିଟିଂ ଆଣ୍ଡ ଷ୍ଟିଚିଂ ଶୋ’ ଦେଖିବାର ସୁଯୋଗ ପାଇଥିଲେ। ତା’ସହ ଇଂଲଣ୍ଡ, ଆମେରିକା, ଜାପାନରେ ସାମୁଦ୍ରିକ ମାଛକୁ ସଜାଇ ରଖାଯାଉଥିବା ଶୈଳୀ ତାଙ୍କୁ ବହୁତ ପସନ୍ଦ ଥିଲା। ତେଣୁ ଶେଷରେ ସେ ଉଲ୍‌ରେ ସାମୁଦ୍ରିକ ମାଛ ଆଦି ତିଆରି କରିବା ଆରମ୍ଭ କଲେ। ୯ ମାସ ସମୟ ଲାଗିଥିଲା ଉଲ୍‌ରେ ଏକ ସମ୍ପୂର୍ଣ୍ଣ ଫିଶ୍ କାଉଣ୍ଟର କରିବା ପାଇଁ। ଆଉ ସେ ଏହି ଉଲ୍‌ର ସାମୁଦ୍ରିକ ମାଛ ବା ସି’ ଫୁଡ୍‌ଗୁଡିକୁ ବେଶ୍ ଜୀବନ୍ତ ଭାବେ କରିପାରିଥିଲେ। ଫଳରେ ସୋସିଆଲ୍ ମିଡିଆରେ ତାଙ୍କ କାମକୁ ବେଶ୍ ପ୍ରଶଂସା କରାଯାଇଥିଲା। ଏବେ ସେ ବେକେରି ଆଇଟମ୍‌କୁ ଉଲ୍‌ରେ ତିଆରି କରିବାର ଯୋଜନା ରଖିଛନ୍ତି।









# ଅଣ୍ଡା ପରି କୁକୁର





ବ୍ୟସ୍ତ ଜୀବନ ଭିତରେ ପୋଷା ଜୀବଜନ୍ତୁଙ୍କ ସହ କିଛି ସମୟ ବିତାଇଦେଲେ ବେଶ୍ ହାଲ୍‌କା ଲାଗିଥାଏ। କେହି କେହି ତ ସଉକ୍‌ରେ ପୋଷା ଜୀବଜନ୍ତୁ ରଖନ୍ତି। ଆଉ ତାଙ୍କୁ ବିଭିନ୍ନ ପ୍ରକାର ସଜାଇ ଆନନ୍ଦ ପାଆନ୍ତି। ଏଥିପାଇଁ ଅନେକେ ସେମାନଙ୍କୁ ଆନିମଲ୍ ଗ୍ରୁମିଂ ସେଣ୍ଟର ନେଇ ଥାଆନ୍ତି। ନିକଟରେ ସେମିତି ଏକ ପୋଷା କୁକୁର ପାଲଟିଛି ଚର୍ଚ୍ଚାର କାରଣ। କାହିଁକି ନା ତାକୁ ଏଭଳି ଗ୍ରୁମିଂ କରାଯାଇଛି ଯେ, ସେ ଦେଖିବାକୁ ପୂରାପୂରି ଅଣ୍ଡା ଭଳି ଲାଗୁଛି। ଫ୍ରି ଲାନ୍ସର ଗ୍ରୁମର୍ ଆଣ୍ଡ୍ରିଆ ଅବ୍‌ରେ ସିମ୍, ସିଙ୍ଗାପୁର୍‌ର ପମ୍ ପମ୍ ନାମକ ଏହି କୁକୁରର ଲୋମକୁ କାଟି ଏକ ବଡ ଅଣ୍ଡାର ଆକାର ଦେଇଛନ୍ତି। ସେଥିପାଇଁ କୁକୁରଟି ‘ଏଗ୍ ଡଗ୍’ ଭାବେ ପରିଚିତ ହେଉଛି। ତା’ର ଫଟୋ ଏଭଳି ଆଙ୍ଗେଲ୍‌ରୁ ଉଠା ଯାଇଛି ଯେ, ପଛଭାଗଟି ଦେଖାଯାଇ ନ ଥାଏ। ଆଉ ସାମ୍ନା ଭାଗଟି ସମ୍ପୂର୍ଣ୍ଣଭାବେ ଅଣ୍ଡା ପରି ଦେଖାଯାଏ। ତେବେ ଏହି ଲୁକ୍ ଦେବା ପାଇଁ ଆଣ୍ଡ୍ରିଆ ପ୍ରଥମେ ପମ୍‌ପମ୍‌କୁ ଗାଧୋଇଦେଲେ। ଏହାପରେ ଭଲଭାବେ ତା’ର ଲୋମକୁ ମସାଜ୍ କଲେ। ଯେମିତିକି ଲୋମସବୁ ଉପରକୁ ଉଠି ଫୁଲ୍‌କା ହୋଇ ରହିବ। ପରେ ଲୋମକୁ ସେ କାଟି ଅଣ୍ଡାର ଆକୃତି ଦେଇଥିଲେ। ଗ୍ରୁମିଂ ସମୟରେ ପମ୍‌ପମ୍ ବେଶ୍ ସହଜ ଥିଲା ଓ ଗ୍ରୁମିଂକୁ ଉପଭୋଗ କରୁଥିଲା। ସରିବା ପରେ ସେ ଏକ ସୁନ୍ଦର ଷ୍ଟାଇଲ୍ ବି ଦେଇଥିଲା। ଫଳରେ ଗ୍ରୁମିଂ ସମୟର ଭିଡିଓ ଭାଇରାଲ ହୋଇଗଲା।